▷ ବର୍ଷ 1, ସଂଖ୍ୟା 8

▷ ଅକ୍ଟୋବର 16-31, 2020
ନିଃଶୁଳ୍କ ବିତରଣ ଲାଗି ଉଦ୍ଦିଷ୍ଟ

# ନ୍ୟୁ ଇଣ୍ଡିଆ ସମାଚାର



# ସାଧାରଣ ଜନତାଙ୍କୁ ମିଳିଛି ଡେଣା

"ହୱାଇ ଚପଲ" ପିନ୍ଧୁଥିବା ଲୋକଙ୍କୁ "ହୱାଇ ଜାହାଜ"ରେ ଯାତ୍ରା ପାଇଁ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିଛି 'ଉଡ଼ାନ'

# "ଆମ କୃଷକ ଓ ଗ୍ରାମଗୁଡ଼ିକ ଆତ୍ମନିର୍ଭର ଭାରତର ମୂଳଦୁଆ"



**ପ୍ରଧାନମନ୍ତ୍ରୀ ନିଜର ସଦ୍ୟତମ ମନ କୀ ବାତ ଅଧ୍ୟାୟରେ ଗପ କହିବା, କୃଷି କ୍ଷେତ୍ରରେ ସଂସ୍କାର ବିଷୟରେ ଆଲୋଚନା କରିବା ସହିତ ସ୍ୱାଧୀନତା ସଂଗ୍ରାମୀ ଓ ସଂସ୍କାରକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।**

**ଗପ କହିବା:** କରୋନା ସଂକଟ କାଳରେ ପରିବାର ସଦସ୍ୟମାନଙ୍କ ମଧ୍ୟରେ ସମ୍ପର୍କର ବନ୍ଧନ ଆହୁରି ସୁଦୃଢ଼ ହୋଇଛି । ପ୍ରତ୍ୟେକ ପରିବାରରେ ଜଣେ ବୟସ୍କ ସଦସ୍ୟ ଥାଆନ୍ତି ଯିଏକି କାହାଣୀ କହିଥାନ୍ତି, ଯାହା ପରିବାରକୁ ପ୍ରେରଣା ଏବଂ ନୂତନ ଉତ୍ସାହ ପ୍ରଦାନ କରିଥାଏ । ଗପ କହିବା ଏକ କଳା । ଗପର ଇତିହାସ ମାନବ ସଭ୍ୟତା ଠାରୁ ମଧ୍ୟ ପୁରୁଣା । ଯେଉଁଠି ଆତ୍ମା ଅଛି, ସେଠାରେ ଗପଟିଏ ରହିଛି ।

**ବିଦେଶରେ ଭାରତ :** ସିଧୁ ଡେମ୍ବେଲେ, ମାଲିର କିଟାରେ ଜଣେ ସ୍କୁଲ ଶିକ୍ଷକ, ତାଙ୍କର ଆଉ ଏକ ପରିଚୟ ରହିଛି। ଲୋକମାନେ ତାଙ୍କୁ ହିନ୍ଦୁସ୍ତାନୀ ବାବୁ ବୋଲି ଡାକିଥାନ୍ତି। ପ୍ରତ୍ୟେକ ରବିବାର, ସେ ଏକ ଘଣ୍ଟା ଧରି 'ଇଣ୍ଡିଆନ ଫ୍ରିକ୍ୱେନ୍ସି ଅନ ବଲିଉଡ ସଙ୍ଗସ' ନାମରେ ଏକ ଘଣ୍ଟିକିଆ ରେଡିଓ କାର୍ଯ୍ୟକ୍ରମର ଉପସ୍ଥାପନା କରିଥାନ୍ତି ।

**କୃଷି:** କରୋନାର ଏହି ସଂକଟଜନକ ସମୟରେ, ଆମର କୃଷି କ୍ଷେତ୍ର ଏବଂ କୃଷକମାନେ ସହନଶୀଳତାର ପ୍ରଦର୍ଶନ କରିଛନ୍ତି । କୃଷି କ୍ଷେତ୍ର, ଆମର ଶ୍ରମିକ ଏବଂ ଆମ ଗ୍ରାମଗୁଡ଼ିକ ଆତ୍ମନିର୍ଭର ଭାରତର ମୂଳଦୁଆ ।

**ମହାରାଷ୍ଟ୍ର:** ପାଖାପାଖି ତିନି କିମ୍ବା ଚାରି ବର୍ଷ ପୂର୍ବରୁ, ମହାରାଷ୍ଟ୍ରରେ ସରକାର ଫଳ ଏବଂ ପନିପରିବାକୁ ଏପିଏମସିର ପରିଧି ଠାରୁ ଅଲଗା କରିଥିଲେ, ଯାହାକି ବହୁସଂଖ୍ୟକ ଫଳ ଓ ପନିପରିବାର ଚାଷୀଙ୍କ ପରିସ୍ଥିତିରେ ସୁଧାର ଆଣିଛି । ଶ୍ରୀ ସ୍ୱାମୀ ସମର୍ଥ ଫାର୍ମ ପ୍ରଡୁସର କମ୍ପାନୀ ଲିଃ ଏକ କୃଷି ଉତ୍ପାଦକ ସଂଗଠନ ଯାହାକି ପୁଣେ ଏବଂ ମୁମ୍ବାଇରେ ସାପ୍ତାହିକ ବଜାର ଚଳାଇବା ନିମନ୍ତେ ଚାଷୀମାନଙ୍କୁ ସହାୟତା ଯୋଗାଇ ଦେଉଛି । ଏସବୁ ବଜାରରେ ପାଖାପାଖି 70ଟି ଗ୍ରାମରୁ ପ୍ରାୟ 4500 କୃଷକ ସେମାନଙ୍କ ଉତ୍ପାଦ ମଧ୍ୟସ୍ଥଙ୍କ ହସ୍ତକ୍ଷେପ ବିନା ବିକ୍ରି କରିପାରୁଛନ୍ତି ।

**ତାମିଲନାଡୁ:** ତାମିଲନାଡୁରେ ଆଉ ଏକ ଉଦାହରଣ ଦେଖିବାକୁ ମିଳିଛି ଯେଉଁଠି କୃଷକମାନେ ମିଳିତ ଭାବେ ବାନାନା ଫାର୍ମର ପ୍ରଡୁସର କମ୍ପାନୀ ଗଠନ କରିଛନ୍ତି । ସେମାନେ ଲକଡାଉନ ସମୟରେ ଆଖପାଖ ଗ୍ରାମରୁ ଶହ ଶହ ମେଟ୍ରିକ ଟନ ପରିବା, ଫଳ ଓ କଦଳୀ କିଣିଥିଲେ ଏବଂ ସେଗୁଡ଼ିକୁ ଭେଜିଟେବୁଲ କମ୍ବୋ କିଟ ଆକାରରେ ଚେନ୍ନାଇ ସହରରେ ବିକ୍ରି କରିଥିଲେ ।

**ଉତ୍ତର ପ୍ରଦେଶ:** ଲକ୍ଷ୍ନୌରେ ସେହିପରି ଇରାଦା ନାମରେ ଏକ ଗୋଷ୍ଠୀ ରହିଛି । ଲକଡାଉନ ସମୟରେ ଇରାଦା ସିଧାସଳଖ ଚାଷୀଙ୍କ ଠାରୁ ପରିବା ଓ ଫଳ କିଣି ସେଗୁଡ଼ିକୁ ସିଧାସଳଖ ବଜାରରେ ବିକ୍ରି କରିଥିଲା ।

**ଗୁଜରାଟ:** ଗୁଜରାଟ ବନସକଣ୍ଠାର ରାମପୁର ଗ୍ରାମରେ ରୁହନ୍ତି କୃଷକ ଇସମାଇଲ ଭାଇ । ସେ ନୂଆ କୌଶଳ, ପଦ୍ଧତି ଏବଂ ସିଞ୍ଚନ ଜଳସେଚନର ଉପଯୋଗ କରି ଆଳୁ ଚାଷ କରୁଛନ୍ତି ଯାହାକି ବର୍ତ୍ତମାନ ତାଙ୍କର ପରିଚୟ ପାଲଟିଛି ।

**ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ସ୍ମୃତିଚାରଣ:** ଅକ୍ଟୋବର 2 ଏକ ପବିତ୍ର ଦିନ । ଆମେ ମା' ଭାରତୀର ଦୁଇ ମହାନ ସନ୍ତାନ-ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କୁ ସ୍ମରଣ କରିଥାଉ। ଆମେ ମହାତ୍ମା ଗାନ୍ଧୀଙ୍କର ଅର୍ଥନୈତିକ ନୀତିଆଦର୍ଶକୁ ଗ୍ରହଣ କରିଥିଲେ, କାର୍ଯ୍ୟକାରୀ କରିଥିଲେ, ଆଜି ଆତ୍ମନିର୍ଭର ଭାରତ ଅଭିଯାନର ଆବଶ୍ୟକତା ପଡ଼ିନଥାନ୍ତା ।

**ଜେପି ଓ ନାନାଜୀଙ୍କୁ ଶ୍ରଦ୍ଧାଞ୍ଜଳି :** ଅକ୍ଟୋବର 11 ତାରିଖରେ ଆମେ ଭାରତ ରତ୍ନ ଲୋକନାୟକ ଜୟପ୍ରକାଶ ନାରାୟଣ ଜୀ ଏବଂ ଭାରତ ରତ୍ନ ନାନାଜୀ ଦେଶମୁଖଙ୍କୁ ତାଙ୍କ ଜନ୍ମଜୟନ୍ତୀରେ ସ୍ମରଣ କରିଥାଉ ।

**ରାଜମାତାଙ୍କ ଜନ୍ମଶତବାର୍ଷିକୀ:** ରାଜମାତା ବିଜୟା ରାଜେ ସିନ୍ଧିୟା ମହୋଦୟା ତାଙ୍କ ଜୀବନକୁ ଜନସେବା ପାଇଁ ସମର୍ପି ଦେଇଥିଲେ । ଅକ୍ଟୋବର 12 ତାରିଖରେ ତାଙ୍କର ଜନ୍ମ ଶତବାର୍ଷିକୀ ସମାରୋହ ଉଦଯାପିତ ହେବ ।

**ଭଗତ ସିଂ :** ସେପ୍ଟେମ୍ବର ୨୮ ତାରିଖରେ ଆମେ ଶହୀଦ ବୀର ଭଗତ ସିଂଙ୍କ ଜନ୍ମ ବାର୍ଷିକୀ ପାଳନ କରିଥାଉ । ସେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ବୁଦ୍ଧିଜୀବୀ ଓ ଚିନ୍ତାନାୟକ ଥିଲେ ।

**ସର୍ଜିକାଲ ଷ୍ଟ୍ରାଇକ :** ଚାରି ବର୍ଷ ପୂର୍ବେ ଏହି ସମୟରେ, ସର୍ଜିକାଲ ଷ୍ଟ୍ରାଇକ ବେଳରେ ଆମ ବୀର ସୈନିକମାନଙ୍କ ସାହସ, ବୀରତ୍ୱ ଏବଂ ପରାକ୍ରମ ସାରା ବିଶ୍ୱ ଦେଖିଥିଲା। ସୈନିକମାନଙ୍କର କେବଳ ଗୋଟିଏ ଲକ୍ଷ୍ୟ ଥିଲା : ମା' ଭାରତୀର ଗୌରବ ଓ ସମ୍ମାନ ରକ୍ଷା । ■

କ୍ୟୁଆର କୋଡ ସ୍କାନ କରି ସମ୍ପୂର୍ଣ୍ଣ ମନ କୀ ବାତ ଶୁଣନ୍ତୁ

ନ୍ୟୁ ଇଣ୍ଡିଆ
# ସମାଚାର

ବର୍ଷ 1, ସଂଖ୍ୟା 8 ଅକ୍ଟୋବର 16-31, 2020



**ସମ୍ପାଦକ**
କୁଳଦୀପ ସିଂ ଧତୱାଲିଆ,
ପିଡିଜି, ପିଆଇବି, ନୂଆଦିଲ୍ଲୀ

**ଉପଦେଷ୍ଟା ସମ୍ପାଦକ**
ବିନୋଦ କୁମାର

**ସହକାରୀ ଉପଦେଷ୍ଟା ସମ୍ପାଦକ**
ଶରତ କୁମାର ଶର୍ମା

**ଅଳଙ୍କରଣ**
ରବୀନ୍ଦ୍ର କୁମାର ଶର୍ମା

**ପ୍ରକାଶକ ଓ ମୁଦ୍ରାକାର**
ସତ୍ୟେନ୍ଦ୍ର ପ୍ରକାଶ,
ଡିଜି, ବିଓସି
ବ୍ୟୁରୋ ଅଫ ଆଉଟରିଚ ଆଣ୍ଡ
କମ୍ୟୁନିକେସନ

**Printed at**
**Infinity Advertising services Pvt.Ltd.**
**FBD-One Corporate Park, 10th floor,**
**New Delhi-Faridabad border, NH-1,**
**Faridabad-121003**

**ପ୍ରକାଶିତ**
ବ୍ୟୁରୋ ଅଫ ଆଉଟରିଚ ଏବଂ
କମ୍ୟୁନିକେସନ, ଦ୍ୱିତୀୟ ମହଲା,
ସୂଚନା ଭବନ,
ନୂଆଦିଲ୍ଲୀ-110003

**ନ୍ୟୁ ଇଣ୍ଡିଆ ସମାଚାର**

RNI No. : DELODI/2020/78831

response-nis@pib.gov.in


## ଭିତରେ


| | | |
|---|---|---|
| » 1 | **ସମ୍ପାଦକୀୟ** | ପୃଷ୍ଠା. 02 |
| » 2 | **ଶ୍ରଦ୍ଧାଞ୍ଜଳି :** ସର୍ଦ୍ଦାର ପଟେଲଙ୍କ ସ୍ମୃତିଚାରଣ | ପୃଷ୍ଠା. 03 |
| » 3 | **ସଂକ୍ଷିପ୍ତ ସମାଚାର** | ପୃଷ୍ଠା. 04-05 |
| » 4 | **ଅମୃତ ଯୋଜନା :** ଭବିଷ୍ୟତ ପାଇଁ ସହର | ପୃଷ୍ଠା. 06-07 |
| » 5 | **ଭିତ୍ତିଭୂମି :** ସଡ଼କ ଓ ସେତୁ | ପୃଷ୍ଠା. 08-09 |
| » 6 | **ପ୍ରମୁଖ ଯୋଜନା :** ସ୍କିଲ ଇଣ୍ଡିଆ | ପୃଷ୍ଠା. 10-12 |
| » 7 | **ଯୋଗାଯୋଗ:** ଗ୍ରାମୀଣ ଇଣ୍ଟରନେଟ | ପୃଷ୍ଠା. 13 |
| » 8 | **ସ୍ୱତନ୍ତ୍ର ପ୍ରସଙ୍ଗ:** ଫିଟ ଇଣ୍ଡିଆ ପୃଷ୍ଠା | ପୃଷ୍ଠା. 14-16 |
| » 9 | **ସଂସଦ ଅଧିବେଶନ** | ପୃଷ୍ଠା. 17 |
| » 10 | **ପ୍ରଚ୍ଛଦ ପ୍ରସଙ୍ଗ :** ଉଡ଼ାନ ଯୋଜନା | ପୃଷ୍ଠା. 18-22 |
| » 11 | **ସଶକ୍ତିକରଣ :** ପେନସିଲ ଗ୍ରାମ | ପୃଷ୍ଠା. 23 |
| » 12 | **ଯୋଜନା :** ଡିଡି ଫ୍ରି ଡିଶ | ପୃଷ୍ଠା. 24-25 |
| » 13 | **କରୋନା ବିରୋଧୀ ଲଢ଼େଇ** | ପୃଷ୍ଠା. 27 |
| » 14 | **ୟୁଏନଜିଏ :** ୟୁଏନରେ ସଂସ୍କାର | ପୃଷ୍ଠା. 28-29 |
| » 15 | **ସ୍ୱପ୍ନ :** ପିଭି ସିନ୍ଧୁ | ପୃଷ୍ଠା. 30 |
| » 16 | **ପରିବେଶ:** ଆତ୍ମ-ନିର୍ଭର | ପୃଷ୍ଠା. 31 |
| » 17 | **ସକାରାତ୍ମକ ଆଭିମୁଖ୍ୟ:** ପରିବର୍ତ୍ତନଶୀଳ ଭାରତ | ପୃଷ୍ଠା. 32 |

# ସମ୍ପାଦକଙ୍କ କଲମରୁ

ସାଦର ନମସ୍କାର,

ଆପଣମାନେ ନିଶ୍ଚିତ ଭାବେ ନ୍ୟୁ ଇଣ୍ଡିଆ ସମାଚାରର ସଦ୍ୟତମ ସଂସ୍କରଣ ଅପେକ୍ଷାରେ ଥିବେ। ଅକ୍ଟୋବର 31 ତାରିଖରେ ସମଗ୍ର ରାଷ୍ଟ୍ର ସର୍ଦ୍ଦାର ପଟେଲଙ୍କୁ ତାଙ୍କର 145ତମ ଜନ୍ମବାର୍ଷିକୀ ଅବସରରେ ସ୍ମରଣ କରିବ ଯାହାକି ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳିତ ହୁଏ। ସର୍ଦ୍ଦାର ପଟେଲ ଦେଶକୁ ରାଜନୈତିକ ଦୃଷ୍ଟିକୋଣରୁ ଏକତ୍ର କରିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାସ୍ତବରେ ଦେଶକୁ ଏକଜୁଟ କରିଛନ୍ତି ଏବଂ ଦେଶକୁ ଏକ ଭାରତ ଶ୍ରେଷ୍ଠ ଭାରତ ଲକ୍ଷ୍ୟ ଦିଗରେ ଆଗେଇ ନେଉଛନ୍ତି। ବିଗତ ଛଅ ବର୍ଷ ମଧ୍ୟରେ ଦେଶର ପ୍ରଗତି ବିଭିନ୍ନ ଦିଗରେ ଶୀଖର ଛୁଇଁଛି ଯାହାକି ଅନ୍ତର୍ଜାତୀୟ ମଞ୍ଚରେ ଭାରତର ପ୍ରଭାବଶାଳୀ ଉପସ୍ଥିତିରୁ ପ୍ରମାଣିତ।

ଗ୍ରାମାଞ୍ଚଳରେ, ଗ୍ରାମୀଣ ଗରିବ ଏବଂ କୃଷକମାନଙ୍କୁ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଇ ଆସିଛନ୍ତି, ସହରାଞ୍ଚଳର ଗରିବ ଲୋକମାନଙ୍କୁ ମଧ୍ୟ ସରକାର ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି।

ଦୀର୍ଘଦିନ ଧରି, ଭାରତର ସାଧାରଣ ଲୋକଙ୍କ ପାଇଁ ବିମାନ ଯାତ୍ରା ଏକ ଅପୂରଣୀୟ ଆଶା ହୋଇ ରହିଥିଲା। ସରକାରଙ୍କ ଉଡ଼ାନ ଯୋଜନା ଫଳରେ "ହୱାଇ ଚପଲ" ପିନ୍ଧୁଥିବା ଲୋକ ପାଇଁ "ହୱାଇ ଜାହାଜ"ରେ ଯାତ୍ରା କରିବା ସମ୍ଭବ ହୋଇପାରିଛି। ଏହି ସଂସ୍କରଣରେ ସରକାରଙ୍କ ଏହିପରି କେତେକ ଯୋଜନା ବିଷୟରେ ଉଲ୍ଲେଖ କରାଯାଇଛି।

ମିଳିତ ଜାତିସଂଘର 75ତମ ବାର୍ଷିକୀ ଅବସରରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଳିତ ଜାତିସଂଘରେ ଜରୁରି ସଂସ୍କାର ନିମନ୍ତେ ଆହ୍ୱାନ କରିଛନ୍ତି। ଆଉ କେତେଦିନ ପର୍ଯ୍ୟନ୍ତ ଭାରତକୁ ମିଳିତ ଜାତିସଂଘର ନିଷ୍ପତ୍ତି ନେବାର ଢାଞ୍ଚା ଠାରୁ ପୃଥକ ରଖାଯିବ ବୋଲି ସେ ପ୍ରଶ୍ନ କରିଛନ୍ତି।

ଏହି ସଂସ୍କରଣରେ ମିଳିତ ଜାତିସଂଘକୁ ତାଙ୍କର ବାର୍ତ୍ତା ସାମିଲ କରାଯାଇଛି।

ଏହି ପତ୍ରିକା ସରକାରଙ୍କ ମୁଖପତ୍ର ନୁହେଁ ବରଂ ସଠିକ ସୂଚନା ପହଞ୍ଚାଇବା ଲାଗି ଏକ ମଞ୍ଚ ।

ଏହି ପତ୍ରିକା ଗ୍ରାମ ପଞ୍ଚାୟତ, ଜିଲ୍ଲା ପଞ୍ଚାୟତ, ପଞ୍ଚାୟତ ସମିତି, ପାଠାଗାର, ବିଧାୟକ, ସାଂସଦ, ଅଧିକାରୀ ଓ ସାମ୍ବାଦିକମାନଙ୍କ ପାଇଁ ଉପଲବ୍ଧ ହେବ ।

ମାଗାଜିନର ଇ-ବୁକ 5 କୋଟି ଲୋକଙ୍କ ପାଇଁ ବର୍ତ୍ତମାନ ଉପଲବ୍ଧ ହେଉଛି ।

ଆମେ ଆପଣମାନଙ୍କ ମତାମତ ଓ ପରାମର୍ଶ ଅପେକ୍ଷାରେ ରହିଛୁ ।

ଦୟାକରି ନିଜର ମତାମତ ନିମ୍ନ ଠିକଣାରେ ପଠାନ୍ତୁ :

ବ୍ୟୁରୋ ଅଫ ଆଉଟରିଚ୍ ଆଣ୍ଡ କମ୍ୟୁନିକେସନ, ଦ୍ୱିତୀୟ ମହଲା, ସୂଚନା ଭବନ, ନୂଆଦିଲ୍ଲୀ-110003

ଇମେଲ : response-nis@pib.gov.in

ଆପଣଙ୍କ ସଦିଚ୍ଛା ସହ

**(କେ ଏସ ଧତୱାଲିଆ)**

# ବହୁ ଅଭିଯାନର ନେତା



ଦେଶୀୟ ରାଜ୍ୟଗୁଡ଼ିକୁ ଭାରତ ସହ ମିଶ୍ରଣ କରି ସର୍ଦ୍ଦାର ପଟେଲ ଏକ ଚମତ୍କାର ଗଣତନ୍ତ୍ର ନିର୍ମାଣ କରିଛନ୍ତି

ଦେଶର ପ୍ରଥମ ଗୃହ ମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କ ସ୍ୱପ୍ନ ଅକ୍ଟୋବର 31, 2019ର ମଧ୍ୟରାତ୍ରିରେ ପୂରଣ ହୋଇଥିଲା, ଯେତେବେଳେ ଜମ୍ମୁ ଓ କଶ୍ମୀରକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରୁଥିବା ଧାରା 370 ଏବଂ 35-ଏ' କୁ ସଂସଦ ଉଚ୍ଛେଦ କରିଥିଲା । ଜମ୍ମୁ ଓ କଶ୍ମୀରକୁ ମୁଖ୍ୟଧାରାକୁ ଫେରାଇ ଆଣିବା ଲାଗି ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଅକ୍ଟୋବର 31 ତାରିଖକୁ ଚୟନ କରାଯିବା ଏକ ସାଧାରଣ ସଂଯୋଗ ହୋଇନପାରେ । ସାରା ଭାରତ ସର୍ଦ୍ଦାର ପଟେଲଙ୍କ ଜୟନ୍ତୀକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରିଥାଏ ।

ଜମ୍ମୁ ଓ କଶ୍ମୀରର ମିଶ୍ରଣ ବ୍ୟତୀତ 'ଅଖଣ୍ଡ ଭାରତ'ର ନିର୍ମାତାଙ୍କ ପ୍ରତି ଆଉ କିଛି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରିନଥାନ୍ତା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅକ୍ଟୋବର 31, 2019ରେ କହିଥିଲେ, "ସର୍ଦ୍ଦାର ପଟେଲ ଏକଦା କହିଥିଲେ ଯେ ଯଦି କଶ୍ମୀର ସମସ୍ୟା ତାଙ୍କ ସହିତ ରହିଥାନ୍ତା, ତା'ହେଲେ ଏହାର ସମାଧାନ ପାଇଁ ଏତେ ସମୟ ଲାଗିନଥାନ୍ତା..." ଏହା ସର୍ଦ୍ଦାର ସାହେବଙ୍କ ଅଧୁରା ସ୍ୱପ୍ନ ଥିଲା। ସମ୍ବିଧାନ ସଭାରେ ପୃଥକ ନିର୍ବାଚକ ମଣ୍ଡଳୀ ଉଚ୍ଛେଦ କରିବା ଏବଂ କ୍ଷମତା ହସ୍ତାନ୍ତର ସମୟରେ ସରକାର ଗଠନ ପାଇଁ ଆଲୋଚନାରେ ତାଙ୍କର ଭୂମିକାକୁ କେବେହେଲେ ଅଣଦେଖା କରାଯାଇପାରିବ ନାହିଁ । ଖେଡ଼ା ଓ ବରଦୋଲିରେ ତାଙ୍କର ଜନ ଆନ୍ଦୋଳନ କୌଶଳ, ଅହମ୍ମଦାବାଦ ମ୍ୟୁନିସିପାଲିଟି ଏବଂ ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାରରେ ତାଙ୍କର ପ୍ରଶାସନିକ କୌଶଳ, ବି. ଆର ଆମ୍ବେଦକରଙ୍କୁ ସମ୍ବିଧାନ ଡ୍ରାଫ୍ଟିଂ ସମିତିର ଅଧକ୍ଷ କରିବା ଆଦି ତାଙ୍କର କେତେଗୁଡ଼ିଏ ଉଲ୍ଲେଖନୀୟ ଯୋଗଦାନ । ସତ୍ୟାଗ୍ରହର ସଫଳତା ପରେ ବର୍ଦ୍ଦୋଲିର ମହିଳାମାନେ ତାଙ୍କୁ 'ସର୍ଦ୍ଦାର' ଉପାଧି ଦେଇଥିଲେ ।

ସଂଖ୍ୟାଲଘୁ, ଆଦିବାସୀ ଏବଂ ବିଚ୍ଛିନ୍ନାଞ୍ଚଳ, ମୌଳିକ ଅଧିକାର ଏବଂ ପ୍ରାନ୍ତୀୟ ସମ୍ବିଧାନ ପାଇଁ ଗଠିତ ସମିତିଗୁଡ଼ିକର ଅଧକ୍ଷ ଭାବେ ସର୍ଦ୍ଦାର ପଟେଲ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ହସ୍ତକ୍ଷେପ ଯୋଗୁ ପ୍ରଶାସନିକ ସେବା ଅଧିକାରୀମାନଙ୍କୁ ରାଜନୈତିକ ହସ୍ତକ୍ଷେପଠାରୁ ଦୂରରେ ରଖିବା ଏବଂ ସେମାନଙ୍କ ପାଇଁ ସର୍ତ୍ତାବଳୀ ଓ ବିଶେଷାଧିକାର ସୁନିଶ୍ଚିତ କରିବା ଲାଗି ସମ୍ବିଧାନରେ ଦୁଇଟି ଅନୁଚ୍ଛେଦ ସାମିଲ କରାଯିବା ସମ୍ଭବ ହୋଇପାରିଥିଲା ।

| | |
|---|---|
| **ଜନ୍ମ** | **: ଅକ୍ଟୋବର 31, 1875** |
| **ମୃତ୍ୟୁ** | **: ଡିସେମ୍ବର 15, 1950** |

ତାଙ୍କର ନେତୃତ୍ୱ ଏବଂ ରାଜନୈତିକ ବିଚକ୍ଷଣତାକୁ ପ୍ରଶଂସା କରି ଗାନ୍ଧୀଜୀ କହିଥିଲେ : "ନିଜର ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ନିଜର ସହାୟକମାନଙ୍କୁ ଚୟନ କରିବାର ଦକ୍ଷତାରୁ ଜଣେ ନେତାଙ୍କ ଦକ୍ଷତା ଜାଣି ହୋଇଥାଏ । ମୁଁ ଏଠାରେ କହିରଖୁଛି ଯେ ମୁଁ ଯେତେବେଳେ ପ୍ରଥମ ଥର ପାଇଁ ବଲ୍ଲଭ ଭାଇଙ୍କୁ ଭେଟିଲି, ମୋ ମନରେ ସନ୍ଦେହ ଜାତ ହେଲା, କଠୋର ଦିଶୁଥିବା ଏହି ଲୋକ ଜଣଙ୍କ କିଏ ଏବଂ ମୁଁ ଯାହା ଚାହୁଁଛି ତାହା ତୁଲାଇବାରେ ସେ କ'ଣ ସଫଳ ହୋଇପାରିବେ? କିନ୍ତୁ ମୁଁ ଯେତେ ଅଧିକ ତାଙ୍କୁ ଜାଣିଲି, ସେତେ ଅଧିକ ମୁଁ ଅନୁଭବ କଲି ଯେ ମୁଁ ଏହି ବ୍ୟକ୍ତି ଜଣଙ୍କ ଠାରୁ ସହାୟତା ନେଇପାରିବି। ମୁଁ ଏଠାରେ ସ୍ପଷ୍ଟତାର ସହ ସ୍ୱୀକାର କରୁଛି ଯେ ତାଙ୍କର ସହାୟତା ନଥିଲେ ଖେଡ଼ା ସତ୍ୟାଗ୍ରହ ଏତେ ସଫଳତା ପୂର୍ବକ ସମ୍ପନ୍ନ ହୋଇପାରିନଥାନ୍ତା।" ■

# ଭାରତର ୮ ଟି ବେଳାଭୂମିକୁ 'ବ୍ଲୁ ଫ୍ଲାଗ' ଇକୋ ଲେବୁଲ ମାନ୍ୟତା



ସ୍ୱଚ୍ଛ ଭାରତ ଅଭିଯାନ ଭାରତ ବିଷୟରେ ଧାରଣାକୁ ବଦଳାଇ ଦେଇଛି । ଭାରତର ଆଠଟି ବେଳାଭୂମିକୁ 'ବ୍ଲୁ ଫ୍ଲାଗ' ଇକୋ-ଲେବଲ ମାନ୍ୟତା ମିଳିବା ଏହି ନୂଆ ପରିଚୟର ଶ୍ରେଷ୍ଠତମ ସାକ୍ଷ୍ୟ । 1986 ମସିହା ଠାରୁ 100ଟି ଦେଶରେ ପାଳିତ ହୋଇଆସୁଥିବା ଅନ୍ତର୍ଜାତୀୟ ବେଳାଭୂମି ସ୍ୱଚ୍ଛତା ଦିବସ ସମାରୋହ ଅବସରରେ ଏହି ମାନ୍ୟତା ମିଳିଛି । ପ୍ରଥମ ଥର ପାଇଁ ଭାରତୀୟ ବେଳାଭୂମିକୁ ଏହି ଲେବୁଲ ମାନ୍ୟତା ମିଳିଥିବା ବେଳେ ଗୁଜରାଟର ଶିବରାଜପୁର, ଡାମନ ଓ ଡିଉର ଘୋଘୋଲା, କର୍ଣ୍ଣାଟକର କାସାରକୋଡ଼ ଓ ପାଦୁବିଦ୍ରି, କେରଳ କାପ୍ପାଡ, ଆନ୍ଧ୍ରପ୍ରଦେଶର ରଷିକୋଣ୍ଡା, ଓଡ଼ିଶାର ଗୋଲ୍ଡେନ ବିଚ୍ ଏବଂ ଆଣ୍ଡାମାନ ଓ ନିକୋବରର ରାଧାନଗରକୁ ଏଥିରେ ସାମିଲ କରାଯାଇଛି । କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡ଼େକର କହିଛନ୍ତି ଯେ ସରକାର ସାରା ଦେଶରେ ସମୁଦ୍ର ଉପକୂଳଗୁଡ଼ିକୁ ସ୍ୱଚ୍ଛ କରିବା ପ୍ରତି ସଂକଳ୍ପବଦ୍ଧ । ଉପକୂଳ ଅଞ୍ଚଳରେ ସ୍ୱଚ୍ଛ ବେଳାଭୂମିଗୁଡ଼ିକ ସ୍ୱଚ୍ଛ ପରିବେଶର ପ୍ରମାଣ ଦେଇଥାନ୍ତି ।




## ଜାଲି କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ

ବିଗତ 3 ବର୍ଷ ମଧ୍ୟରେ ସରକାର ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରି 3,82,581ଟି ଜାଲି କମ୍ପାନୀକୁ ଚିହ୍ନଟ କରିବା ସହିତ ସେଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଲଗାତାର ଦୁଇ ବର୍ଷ କିମ୍ବା ତତୋଧିକ ଅବଧି ନିମନ୍ତେ ଆର୍ଥିକ ବିବରଣୀ (ଏଫଏସ) ଦାଖଲ ନକରିବା ଆଧାରରେ ଏହି କମ୍ପାନୀଗୁଡ଼ିକୁ ଚିହ୍ନଟ କରାଯାଇଥିଲା । କମ୍ପାନୀ ଆଇନ, 2013ର ଧାରା 248 ତଥା କମ୍ପାନୀ (ରେଜିଷ୍ଟର ଅଫ କମ୍ପାନୀଜରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମ, 2016 ଅନୁଯାୟୀ, ବିଧିବଦ୍ଧ ପ୍ରକ୍ରିୟା ଅବଲମ୍ବନ କରାଯିବା ପରେ ଏହି କମ୍ପାନୀଗୁଡ଼ିକୁ ବନ୍ଦ କରାଯାଇଛି । ସାଧାରଣତଃ ସକ୍ରିୟ ବ୍ୟବସାୟିକ କାରବାର କିମ୍ବା ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ନଥିବା କମ୍ପାନୀଗୁଡ଼ିକୁ ଜାଲି କମ୍ପାନୀ ବୋଲି କୁହାଯାଇଥାଏ । ଟିକସ ଫାଙ୍କିବା, ବେଆଇନ ଅର୍ଥ କାରବାର, ଅସ୍ୱଷ୍ଟ ମାଲିକାନା, ବେନାମୀ ସମ୍ପତ୍ତି ଆଦି ଉଦ୍ଦେଶ୍ୟରେ ଏସବୁ କମ୍ପାନୀଗୁଡ଼ିକୁ ବ୍ୟବହାର କରାଯାଇଥାଏ । ■

## ବ୍ଲୁ ଫ୍ଲେମ କ୍ରାନ୍ତି ଆଣିବ ଗ୍ୟାସ ଆଧାରିତ ଅର୍ଥବ୍ୟବସ୍ଥା



ସବକା ସାଥ ସବକା ବିକାଶ' ଲକ୍ଷ୍ୟ ନେଇ ଭାରତକୁ ଏକ ଗ୍ୟାସ ଆଧାରିତ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଉଦ୍ଦେଶ୍ୟରେ ସରକାର 'ବ୍ଲୁ ଫ୍ଲେମ କ୍ରାନ୍ତି' ବା 'ନୀଳ ଅଗ୍ନିଶିଖା ବିପ୍ଳବ' ଜାରି ରଖିଛନ୍ତି । ଏହି କ୍ଷେତ୍ରରେ କାର୍ଯ୍ୟ କରି ସରକାର 28 କୋଟି ପରିବାରକୁ ଏଲପିଜି ସଂଯୋଗ ଦେଇସାରିଲେଣି । ଏହାଛଡ଼ା 5 କୋଟି ପରିବାରକୁ ପିଏନଜି ସଂଯୋଗ ଦେବାକୁ ଯୋଜନା କରିଛନ୍ତି । ବିଗତ 6 ବର୍ଷ ମଧ୍ୟରେ ଦେଶରେ ସିଏନଜି ଷ୍ଟେସନ ସଂଖ୍ୟା 947ରୁ ବୃଦ୍ଧି ପାଇ 2300ରେ ପହଞ୍ଚିଛି । ସହରାଞ୍ଚଳ ଗ୍ୟାସ ବିତରଣ (ସିଜିଡି) ନେଟୱର୍କ ଏବେ ଦେଶର 400ରୁ ଅଧିକ ସହରାଞ୍ଚଳରେ ପହଞ୍ଚିସାରିଲାଣି । ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ନିୟାମକ ବୋର୍ଡ (ପିଏନଜିଆରବି) ପକ୍ଷରୁ ସିଜିଡିର 11ତମ ରାଉଣ୍ଡ ଆରମ୍ଭ କରିବା ନିମନ୍ତେ ପ୍ରସ୍ତୁତି ଆରମ୍ଭ କରାଗଲାଣି । ଏହାପରେ ଆହୁରି 50-100 ଜିଲ୍ଲାକୁ ସ୍ୱଚ୍ଛ ଇନ୍ଧନ ପାଇପାରିବେ । ଏହି ଉଦ୍ଦେଶ୍ୟ ପାଇଁ ସରକାର 17,000 କିମି ପାଇପ ବିଛାଇବା କାମ ଆରମ୍ଭ କରିଥିବା କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

## ଏନସିଆରରେ ବାୟୁ ପ୍ରଦୂଷଣ ମୁକାବିଲା ପାଇଁ ପିଏମଓ ଅଧକ୍ଷତାରେ ଗଠିତ ପ୍ୟାନେଲ ପକ୍ଷରୁ ପଦକ୍ଷେପ

ଶୀତ ଋତୁ ଏବଂ ଫସଲ ଅମଳ ସମୟରେ ଜାତୀୟ ରାଜଧାନୀ କ୍ଷେତ୍ର (ଏନସିଆର)ରେ ବାୟୁ ପ୍ରଦୂଷଣ ମାତ୍ରାଧିକ ଭାବେ ବୃଦ୍ଧି ପାଇଥିଲା । ଏନସିଆର ଅଞ୍ଚଳରେ ବାୟୁ ଗୁଣବତ୍ତାରେ ସୁଧାର ଆଣିବା ଉଦ୍ଦେଶ୍ୟରେ ଗଠିତ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ବୈଠକରେ ଅଧକ୍ଷତା କରି ସମୀକ୍ଷା କରିଥିଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ ମିଶ୍ର । ବୈଠକରେ ଏହି ସମସ୍ୟା ମୁକାବିଲା ନିମନ୍ତେ ପ୍ରସ୍ତୁତି ଅନୁଧ୍ୟାନ କରାଯିବା ସହିତ ନିକଟରେ ବର୍ଜ୍ୟବସ୍ତୁ ଆଧାରିତ ଶକ୍ତି/ଇନ୍ଧନ ପ୍ଲାଣ୍ଟକୁ ପ୍ରାଥମିକ ଋଣ ଯୋଗାଣ କ୍ଷେତ୍ର ଭାବେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ସାମିଲ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ଏପରି ୟୁନିଟ ଯଥାଶୀଘ୍ର ସ୍ଥାପନ ପାଇଁ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ଉଚିତ ବୋଲି ମତପ୍ରକାଶ ପାଇଥିଲା । ବାୟୁ ପ୍ରଦୂଷଣର ମୁଖ୍ୟ ଉତ୍ସ, ବିଭିନ୍ନ ରାଜ୍ୟ ସରକାର ଓ ମନ୍ତ୍ରଣାଳୟ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଓ ସେ ଦିଗରେ ଅଗ୍ରଗତି ସମ୍ପର୍କରେ ମଧ୍ୟ ଟାସ୍କଫୋର୍ସ ସମୀକ୍ଷା କରିଥିଲା । ବିଗତ 2 ବର୍ଷ ମଧ୍ୟରେ ଫସଲ ଅବଶେଷ ଜାଳିବା ପରିମାଣ 50 ପ୍ରତିଶତ କମ ହେବାକୁ ନେଇ ବୈଠକରେ ସନ୍ତୋଷ ବ୍ୟକ୍ତ କରାଯାଇଥିଲା । ଫସଲ ଅବଶେଷ ଦହନକୁ ନିୟନ୍ତ୍ରଣ କରିବା ଲାଗି ପଞ୍ଜାବ, ହରିୟାଣା ଓ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଏବଂ କ୍ଷେତ୍ରସ୍ତରରେ ଫସଲ ଅବଶେଷଗୁଡ଼ିକର ଦକ୍ଷ ପରିଚାଳନା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ନିୟୋଜିତ କରିବା ସମ୍ପର୍କରେ ବୈଠକରେ ବିସ୍ତୃତ ଭାବେ ସମୀକ୍ଷା କରାଯାଇଥିଲା ।



## ଘରୋଇ ଉତ୍ପାଦନକୁ ପ୍ରୋତ୍ସାହିତ କରିବ ଓଡିଓପି



ଗୋଟିଏ ନିର୍ଦ୍ଦିଷ୍ଟ ଜିଲ୍ଲାର ବାସ୍ତବ ସମ୍ଭାବନାକୁ ଉଜାଗର କରିବା, ଆର୍ଥିକ ଅଭିବୃଦ୍ଧିକୁ ଇନ୍ଧନ ଯୋଗାଣ, ନିଯୁକ୍ତି ସୁଯୋଗ ସୃଷ୍ଟି, ଗ୍ରାମୀଣ ଉଦ୍ୟମିତାକୁ ପ୍ରୋତ୍ସାହନ ଏବଂ ଆତ୍ମନିର୍ଭର ଭାରତର ଲକ୍ଷ୍ୟକୁ ସାକାର କରିବା ଦିଗରେ ଏକ ଜିଲ୍ଲା ଏକ ଉତ୍ପାଦ (ଓଡିଓପି)କୁ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ବିବେଚନା କରାଯାଉଛି। ଓଡିଓପି ଯୋଜନାକୁ ପ୍ରୋତ୍ସାହନ ଦେବା ଲାଗି ବାଣିଜ୍ୟ ବିଭାଗ ପକ୍ଷରୁ ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫଟି) ଜରିଆରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସରକାରୀ ସଂସ୍ଥା ସହ ସମ୍ପର୍କ ସ୍ଥାପନ କରାଯାଉଛି । ପ୍ରତ୍ୟେକ ଜିଲ୍ଲାର ସ୍ୱତନ୍ତ୍ର ଉତ୍ପାଦ ଓ ସେଗୁଡ଼ିକର ରପ୍ତାନି ସମ୍ଭାବନାକୁ ଚିହ୍ନଟ କରିବା, ଏସବୁ ଉତ୍ପାଦ ରପ୍ତାନି କ୍ଷେତ୍ରରେ ରହିଥିବା ବାଧା ଦୂର କରିବା, ସ୍ଥାନୀୟ ରପ୍ତାନିକାରୀମାନଙ୍କୁ ସହାୟତା, ଉତ୍ପାଦନ ନିମନ୍ତେ ଉତ୍ପାଦନକାରୀମାନଙ୍କୁ ପ୍ରୋତ୍ସାହନ ତଥା ରପ୍ତାନି, ଉତ୍ପାଦନ, ସେବା ଉଦ୍ୟୋଗ ଓ ନିଯୁକ୍ତି ସୁଯୋଗ ବଢ଼ାଇବା ଲକ୍ଷ୍ୟ ନେଇ ଭାରତ ବାହାରେ ଥିବା ସମ୍ଭାବ୍ୟ କ୍ରେତାମାନଙ୍କ ସନ୍ଧାନ କରିବା ଏହାର ଉଦ୍ଦେଶ୍ୟ । ■

## ବୈଦ୍ୟୁତିକ ପରିବହନ କ୍ଷେତ୍ରରେ ବୃହତ ପଦକ୍ଷେପ

ଜୀବାଶ୍ମ ଇନ୍ଧନ ଉପରେ ଦେଶର ନିର୍ଭରଶୀଳତାକୁ ହ୍ରାସ କରିବା ଏବଂ ଯାନବାହନ ପ୍ରଦୂଷଣ ହ୍ରାସ କରିବାର ଲକ୍ଷ୍ୟ ନେଇ ସରକାର ଫେମ ଇଣ୍ଡିଆ-II ଯୋଜନା ଅଧୀନରେ ମହାରାଷ୍ଟ୍ର, ଗୋଆ, ଗୁଜରାଟ ଓ ଚଣ୍ଡିଗଡ଼ ପାଇଁ 670ଟି ବିଦ୍ୟୁତ ଚାଳିତ ବସ ଏବଂ ମଧ୍ୟପ୍ରଦେଶ, ତାମିଲନାଡୁ, କେରଳ, ଗୁଜରାଟ ଓ ପୋର୍ଟବ୍ଲେୟାର ପାଇଁ 241ଟି ଚାର୍ଜିଂ ଷ୍ଟେସନ ମଞ୍ଜୁର କରିଛନ୍ତି। ଏହାର ପ୍ରଥମ ପର୍ଯ୍ୟାୟ ମାର୍ଚ୍ଚ 31, 2019ରେ ଶେଷ ହୋଇଥିଲା। ଏଥିରେ ସରକାର 2,80,987ଟି ହାଇବ୍ରିଡ ଓ ବିଦ୍ୟୁତ ଚାଳିତ ବାହନ ନିମନ୍ତେ 359 କୋଟି ଟଙ୍କାର ଚାହିଦା ଆଧାରିତ ସହାୟତା ଯୋଗାଇ ଦେଇଥିଲେ । ଆହୁରି, ଭାରୀ ଉଦ୍ୟୋଗ ବିଭାଗ (ଡିଏଚଆଇ) ପକ୍ଷରୁ ବିଭିନ୍ନ ସହର ଲାଗି 280 କୋଟି ଟଙ୍କା ବିନିଯୋଗରେ 425ଟି ବସ ମଞ୍ଜୁର କରାଯାଇଛି । ସେହିପରି ପ୍ରଥମ ପର୍ଯ୍ୟାୟରେ ବାଙ୍ଗାଲୋର, ଜୟପୁର ଏବଂ ଏନସିଆର ଭଳି ସହରାଞ୍ଚଳ ପାଇଁ ଡିଏଚଆଇ ପକ୍ଷରୁ 520ଟି ଚାର୍ଜିଂ ଷ୍ଟେସନ ପାଖାପାଖି 43 କୋଟି ଟଙ୍କା ବିନିମୟରେ ମଞ୍ଜୁର କରାଯାଇଥିଲା ।





# ଅମୃତ: ସହରକୁ ଜୀବନ୍ତ କରୁଛି

## ଦେଶର 500ରୁ ଅଧିକ ସହରରେ କାର୍ଯ୍ୟକାରୀ ହେଉଥିବା ଏହି ମିଶନ ସହରାଞ୍ଚଳ ବାସିନ୍ଦାଙ୍କ ଜୀବନକୁ ଆରାମଦାୟକ କରିବାର ଲକ୍ଷ୍ୟ ହାସଲ କରିଛି

ସରକାରଙ୍କ ପାଇଁ, ପ୍ରତ୍ୟେକ ଆହ୍ୱାନ ସହିତ ଏକ ସୁଯୋଗ ଆସିଥାଏ । ଭାରତରେ ଦ୍ରୁତ ସହରୀକରଣ କାରଣରୁ ଜଳ ଯୋଗାଣ, ଜଳ ନିଷ୍କାସନ, ବର୍ଜ୍ୟ ଜଳ ପରିଚାଳନା, ପରିବହନ ଏବଂ ଆହୁରି ଅନେକ ସହରୀ ସମସ୍ୟା ଉଭା ହୋଇଛି । ପ୍ରତ୍ୟେକ ପ୍ରସଙ୍ଗ ପାଇଁ ଦୀର୍ଘସ୍ଥାୟୀ ଯୋଜନା କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁନ 25, 2015ରେ ଅଟଳ ମିଶନ ଫର ରିଜୁଭେନେସନ ଆଣ୍ଡ ଅର୍ବାନ ଟ୍ରାନ୍ସଫର୍ମେସନ (ଅମୃତ) ଯୋଜନାର ଶୁଭାରମ୍ଭ କରିଥିଲେ । ଏହା ବର୍ତ୍ତମାନ ଦେଶର 500 ସହରରେ କାର୍ଯ୍ୟକାରୀ ହେଉଛି ଯାହାକି 60 ପ୍ରତିଶତ ସହରାଞ୍ଚଳ ଜନସଂଖ୍ୟାକୁ ଅନ୍ତର୍ଭୁକ୍ତ କରିଛି ।

ବର୍ତ୍ତମାନ ପଞ୍ଚମ ବର୍ଷରେ ପହଞ୍ଚିଥିବା ଏହି ମିଶନ ନିଜର ଉପଲବ୍ଧି ନିମନ୍ତେ ଚାରିଆଡ଼ୁ ପ୍ରଶଂସା ସାଉଣ୍ଟିପାରିଛି । ମଧ୍ୟପ୍ରଦେଶର ସେହୋର ଓ ଭଦୋଦରାରେ ଜଳ ଯୋଗାଣ ପ୍ରକଳ୍ପ, ବିଜୟୱାଡ଼ା ଓ କୋଚିରେ ଏଲଇଡି ଲାଇଟ ସଂଯୋଗ ଆଦିକୁ ଦୃଷ୍ଟାନ୍ତ ଭାବେ ନେଲେ ସରକାରଙ୍କ ସଂକଳ୍ପ ସାକାର ହୋଇଥିବା ପରିଲକ୍ଷିତ ହୋଇଥାଏ । ବର୍ତ୍ତମାନସୁଦ୍ଧା 67 ଲକ୍ଷ ଏଲଇଡି ଷ୍ଟ୍ରିଟ ଲାଇଟ ସଂଯୋଗ ହୋଇସାରିଛି । ଯାହାଫଳରେ 147 କୋଟି ୟୁନିଟ ବିଦ୍ୟୁତଶକ୍ତି ସଞ୍ଚୟ ହେବା ସହିତ 12 ଲକ୍ଷ ଟନ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇଛି ।

ଅମୃତ ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଜଳ ଜୀବନ ମିଶନ ଅନ୍ତର୍ଗତ ଦେଶରେ 2 କୋଟିରୁ ଅଧିକ ଜଳ ସଂଯୋଗ ଦିଆଯାଇସାରିଛି । ଦୈନିକ ପାଖାପାଖି 1 ଲକ୍ଷ ପାଇପ ପାଣି ସଂଯୋଗ ଯୋଗାଇ ଦିଆଯାଉଛି । ସ୍ୱଚ୍ଛ ଜଳ କେବଳ ଗରିବଙ୍କ ଜୀବନରେ ସୁଧାର ଆଣିନାହିଁ ବରଂ ସେମାନଙ୍କୁ ବହୁ ଗମ୍ଭୀର ରୋଗରୁ ସୁରକ୍ଷିତ ରଖିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ନୁହେଁ ବରଂ ଭବିଷ୍ୟତର ଚାହିଦାକୁ ଦୃଷ୍ଟିରେ ରଖି ସହରଗୁଡ଼ିକୁ ପ୍ରସ୍ତୁତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ଆତ୍ମନିର୍ଭର ଭାରତ ମିଶନକୁ ଆହୁରି ଆଗେଇ ନେବ । ଏହି ଚିନ୍ତାଧାରା ସହିତ, ଅମୃତ ମିଶନ ଅନ୍ତର୍ଗତ ସହରଗୁଡ଼ିକରେ ମୌଳିକ ସୁବିଧାସୁଯୋଗ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଉଛି ।

ସହରୀକରଣର ମହାନ ସମର୍ଥକ ଡ. ବି. ଆର.

# ଉଲ୍ଲେଖନୀୟ ଉପଲବ୍ଧି

ଜୁନ 25, 2020ରେ ଏହି ମିଶନର ପଞ୍ଚମ ବର୍ଷ ପୂରଣ ହୋଇଛି । ଏହି ଅବସରରେ, ଆବାସ ଓ ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି, ଏହି ମିଶନ ଆଶାନୁରୂପ ପରିଣାମ ହାସଲ କରିଛି:

- ଦେଶର ବଛା ବଛା 500ଟି ସହରରେ 79 ଲକ୍ଷ ପରିବାରକୁ ଜଳ ସଂଯୋଗ ଏବଂ 45 ଲକ୍ଷ ପରିବାରକୁ ଜଳ ନିଷ୍କାସନ ସଂଯୋଗ ଯୋଗାଇ ଦିଆଯାଇଛି ।
- ବସ୍ତି ଓ ନିମ୍ନଆୟବର୍ଗ ବାସସ୍ଥଳୀରେ ଏହି ସଂଯୋଗ ଯୋଗାଇ ଦିଆଯାଉଛି । ମୋଟ 1 ଲକ୍ଷ କୋଟି ଟଙ୍କା ଆବଣ୍ଟନ କରାଯାଇଥିବା ବେଳେ ରାଜ୍ୟ ବାର୍ଷିକ କାର୍ଯ୍ୟ ଯୋଜନା (ଏସଏଏପି)ଗୁଡ଼ିକ ପାଇଁ 77,640 କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ 75,829 କୋଟି ଟଙ୍କାର ପ୍ରକଳ୍ପ କ୍ଷେତ୍ରସ୍ତରରେ ପହଞ୍ଚିପାରିଛି ।
- 10,654 କୋଟି ଟଙ୍କାର ପ୍ରକଳ୍ପ ଶେଷ ହୋଇସାରିଥିବା ବେଳେ 65,175 କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସ୍ତରରେ ରହିଛି ।
- ମିଶନ ଅନ୍ତର୍ଗତ ପ୍ରାଥମିକ କ୍ଷେତ୍ର ଭାବେ ଜଳଯୋଗାଣ ପ୍ରକଳ୍ପ ପାଇଁ 39,011 କୋଟି ଟଙ୍କା ଯୋଗାଇ ଦିଆଯାଇଥିବା ବେଳେ ସ୍ୱେରେଜ ଓ ସିପ୍ଟେଜ ପ୍ରକଳ୍ପ ପାଇଁ 32,546 କୋଟି ଟଙ୍କା ଯୋଗାଇ ଦିଆଯାଇଛି ।





**ଅମୃତ ସମ୍ପର୍କରେ :** ସାର୍ବଜନୀନ ଜଳ ଯୋଗାଣ ଏବଂ ସ୍ୱେରେଜ ଓ ସିପ୍ଟେଜ ସୁବିଧାର ପ୍ରସାର ଓ ପରିଚାଳନା କ୍ଷମତାରେ ସୁଧାର, ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା, ମୋଟରବିହୀନ ସହରାଞ୍ଚଳ ପରିବହନ ଏବଂ ସବୁଜସ୍ଥଳୀ ଓ ଉଦ୍ୟାନ ବିକାଶ ସୁନିଶ୍ଚିତ କରିବା ଏହି ମିଶନର ଉଦ୍ଦେଶ୍ୟ । ଏହି ମିଶନରେ ଦେଶର 500 ଟି ସହର ଏବଂ 60 ପ୍ରତିଶତରୁ ଅଧିକ ସହରାଞ୍ଚଳ ଜନସଂଖ୍ୟା ସାମିଲ ହୋଇପାରିଛନ୍ତି ।

**ଉପାଦାନ:** ଅମୃତ ଯୋଜନାର ବିଭିନ୍ନ ଅଙ୍ଗରେ ସାମର୍ଥ୍ୟ ବିକାଶ, ସଂସ୍କାରମୂଳକ କାର୍ଯ୍ୟାନ୍ୱୟନ, ଜଳ ଯୋଗାଣ, ସ୍ୱେରେଜ ଓ ସିପ୍ଟେଜ ପରିଚାଳନା, ବର୍ଷା ଜଳ ନିଷ୍କାସନ, ସହରାଞ୍ଚଳ ପରିବହନ ଓ ସବୁଜସ୍ଥଳୀ ଓ ଉଦ୍ୟାନର ବିକାଶ ଆଦି ସାମିଲ । ଯୋଜନା ସମୟରେ ସହରାଞ୍ଚଳ ସ୍ଥାନୀୟ ପ୍ରଶାସନ (ୟୁଏଲବି)ଗୁଡ଼ିକ ଭୌତିକ ଭିତ୍ତିଭୂମି ଉପାଦାନ ସହିତ କେତେକ ସ୍ମାର୍ଟ ସୁବିଧାକୁ ସାମିଲ କରିବା ଲାଗି ପ୍ରୟାସ କରିବେ ।

## ଦୃଶ୍ୟମାନ ପରିଣାମ

- ମଧ୍ୟପ୍ରଦେଶ ରେୱାର ରତ୍ନା ସୋନି କୁହନ୍ତି ଘରକୁ ଯୋଗାଇ ଦିଆଯାଉଥିବା ପାଣି ପାନୀୟ ଅନୁପଯୋଗୀ ଥିଲା ଏବଂ ପ୍ରାୟତଃ କିଡନୀ ଷ୍ଟୋନ ସୃଷ୍ଟି କରୁଥିଲା । କିନ୍ତୁ ଏବେ ଉନ୍ନତ ମାନର ଜଳ ଯୋଗାଣ କାରଣରୁ ତାଙ୍କ ଅଞ୍ଚଳର ଏହି ସମସ୍ୟା ଦୂର ହୋଇପାରିଛି ।
- ନଭୀ ମୁମ୍ବାଇର ସଞ୍ଜୟ ଯୋଶୀ କୁହନ୍ତି ଯେ ପୂର୍ବରୁ ଅଳିଆ ଗଦା ହେଉଥିବା ସ୍ଥାନରେ ସହରାଞ୍ଚଳ ପ୍ରଶାସନ ପକ୍ଷରୁ ଏକ ସୁନ୍ଦର ଉଦ୍ୟାନ ବିକଶିତ କରାଯାଇଛି ।

- ଷ୍ଟ୍ରିଟ ଲାଇଟ ସ୍ଥାନରେ ଏଲଇଡି ଲାଇଟ ସଂଯୋଗ
  **ଲକ୍ଷ୍ୟ: 97,93,386**
  **ସଂଯୋଗ: 62,78,571**
- ସହରଗୁଡ଼ିକର କ୍ରେଡିଟ ରେଟିଂ
  ସମ୍ମାନିତ: **485**
  ସମ୍ପୂର୍ଣ୍ଣ: **468**
- ସାମର୍ଥ୍ୟ ବିକାଶ
  **ଲକ୍ଷ୍ୟ: 45,000**
  **ପ୍ରଶିକ୍ଷଣ ପ୍ରଦାନ: 52,327**
- **ଅନଲାଇନ ଅଟ୍ଟାଳିକା ମଞ୍ଜୁରି ବ୍ୟବସ୍ଥା (ଓବିପିଏସ) ଦିଲ୍ଲୀ ଓ ମୁମ୍ବାଇରେ କାର୍ଯ୍ୟକ୍ଷମ**
- ପାଣି ପମ୍ପର ଏନର୍ଜି ଅଡିଟ
  **ଏମଓୟୁ ସ୍ୱାକ୍ଷରିତ : 446 ସହର**
  ଅଡିଟ ସମ୍ପୂର୍ଣ୍ଣ:
  **358 ସହର**
- **କାର୍ଯ୍ୟକାରୀ 439 ଅମୃତ ସହରରେ**

ଆମ୍ବେଦକରଙ୍କ ଉକ୍ତିକୁ ଉଦ୍ଧାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ଆମ୍ବେଦକର ସହରୀକରଣକୁ ଏକ ସମସ୍ୟା ଭାବେ ବିଚାର କରୁନଥିଲେ; ପରନ୍ତୁ ସେ ଏପରି ସହରର ପରିକଳ୍ପନା କରିଥିଲେ ଯେଉଁଠି ଦରିଦ୍ରରୁ ଦରିଦ୍ରତମ ବ୍ୟକ୍ତିଙ୍କୁ ସୁଯୋଗ ମିଳିପାରୁଥିବ, ସେମାନଙ୍କ ଜୀବନର ଉନ୍ନତି ମାର୍ଗ ପ୍ରଶସ୍ତ ହେଉଥିବ । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ : "ସହରଗୁଡ଼ିକ ଏପରି ହେବା ଉଚିତ ଯେଉଁଠି ସମସ୍ତେ, ବିଶେଷ କରି ଆମର ଯୁବକମାନେ ଆଗକୁ ବଢ଼ିବା ଲାଗି ନୂଆ ଏବଂ ଅସୀମିତ ସମ୍ଭାବନା ପାଇପାରୁଥିବେ । ସହରରେ ପ୍ରତ୍ୟେକ ପରିବାର ସମୃଦ୍ଧି ଓ ଆନନ୍ଦଦାୟକ ଜୀବନ ବଞ୍ଚିବାର ସୁଯୋଗ ପାଇବା ଉଚିତ। ସହରରେ ଗରିବ, ଦଳିତ, ପଛୁଆବର୍ଗ, ମହିଳାମାନେ ସମ୍ମାନପୂର୍ଣ୍ଣ ଜୀବନ ପାଇବା ଉଚିତ ।"

ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଭାଷଣ ଶୁଣିବା ଲାଗି କ୍ୟୁଆର କୋଡ ସ୍କାନ କରନ୍ତୁ



# ନକ୍ସଲ ଅଞ୍ଚଳରେ ଅଭିବୃଦ୍ଧିର ମାର୍ଗ ପ୍ରଶସ୍ତ


**ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲ୍ଲାରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ସେତୁ ଏବଂ ଦୁଇଟି ସଡ଼କ ଉନ୍ନତିକରଣ ପ୍ରକଳ୍ପ ଉଦଘାଟନ ସହିତ ଏହି ନକ୍ସଲ ପ୍ରଭାବିତ ଅଞ୍ଚଳ ଅଭିବୃଦ୍ଧିର ନୂଆ ଯୁଗ ଆଡ଼କୁ ଅଗ୍ରସର ହେଉଛି ।**

ସବକା ସାଥ ସବକା ବିକାଶ ଲକ୍ଷ୍ୟ ନେଇ ସରକାର ପଛୁଆ ଏବଂ ନକ୍ସଲ ପ୍ରଭାବିତ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପ ବ୍ୟତୀତ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ସଡ଼କ ଓ ସେତୁ ସଂଯୋଗକୁ ବଢ଼ାଇବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଯାହାର ଫଳସ୍ୱରୂପ ଦେଶରେ ରାଜପଥ ନିର୍ମାଣ କାର୍ଯ୍ୟ ଅଭୂତପୂର୍ବ ଗତିରେ ବୃଦ୍ଧି ପାଇଛି, ଯାହାକି 2014 ତୁଳନାରେ ଦୁଇଗୁଣା ଅଧିକ ବେଗରେ ନିର୍ମିତ ହେଉଛି । କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ ଅଗଷ୍ଟ 30, 2020ରେ ଭିଡିଓ କନଫରେନ୍ସିଂ ଜରିଆରେ ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲ୍ଲାରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ସେତୁ ଏବଂ ଦୁଇଟି ସଡ଼କ ପ୍ରକଳ୍ପର ଉଦଘାଟନ କରିଛନ୍ତି ।

ଉଦଘାଟିତ ସେତୁଗୁଡ଼ିକ ମଧ୍ୟରେ ରହିଛି 164 କୋଟି ବିନିମୟରେ ନିଜାମାବାଦ-ଜଗଦଲପୁର ରାସ୍ତା (ଏନଏଚ 63)ରେ ପ୍ରଣହିତା ନଦୀ ଉପରେ 455 ମିମି ଲମ୍ବ ସେତୁ; 244 କୋଟି ଟଙ୍କା ବିନିମୟରେ ନିଜାମାବାଦ-ଜଗଦଲପୁର ସଡ଼କ (ଏନଏଚ 63) ପାଟଗୁଡ଼ାମ ଗ୍ରାମ ନିକଟରେ ଇନ୍ଦ୍ରାବତୀ ନଦୀ ଉପରେ 630 ମିଟର ଲମ୍ବ ହାଇଲେଭଲ ସେତୁ ଏବଂ ବେଜରୁପାଲି-ଆହେରି ରୋଡ଼ ଲାଙ୍କଚେନ ଗ୍ରାମ ନିକଟରେ 30 ମିଟର ଲମ୍ବ ହାଇଲେଭଲ ସେତୁ ।

ଅନ୍ୟ ଉଦଘାଟିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି ବେଜୁରପାଲ୍ଲି-ଆହେରି ରାସ୍ତା (ଏସଏଚ 275) ଅନ୍ତର୍ଗତ ୱାତ୍ରା ଏବଂ ମୋୟାବିନ ପେଟା ମଧ୍ୟରେ ରାସ୍ତା ଉନ୍ନତିକରଣ ଏବଂ ଗାରାଞ୍ଜି-ପୁସ୍ତୋଲା ରାସ୍ତାର ଉନ୍ନତିକରଣ ।

ଏହି ନୂଆ ପ୍ରକଳ୍ପଗୁଡ଼ିକର ଉଦଘାଟନ ସହିତ ଗଡ଼ଚିରୋଲି ଜିଲ୍ଲାରେ ଜାତୀୟ ରାଜପଥର ମୋଟ ଲମ୍ବ 54 କିମିରୁ 647 କିମିକୁ ବୃଦ୍ଧି ପାଇଛି । ଗଡ଼ଚିରୋଲି ଜିଲ୍ଲା ପାଇଁ 1740 କୋଟି ଟଙ୍କ ବ୍ୟୟ ଅଟକଳ ସହିତ 541 କିମି



> ବର୍ତ୍ତମାନ ଯେଉଁ ପରିମାଣ ଏବଂ ଯେପରି ଗତିରେ ଭିତ୍ତିଭୂମି ସଂକ୍ରାନ୍ତ ପ୍ରକଳ୍ପଗୁଡ଼ିକର ନିର୍ମାଣ କାମ ହେଉଛି ତାହା ଅଭୂତପୂର୍ବ । ବର୍ତ୍ତମାନ 2014 ତୁଳନାରେ ଦୁଇ ଗୁଣା ଅଧିକ ବେଗରେ ରାଜପଥ ନିର୍ମାଣ କରାଯାଉଛି । 2014 ସମୟକୁ ତୁଳନା କଲେ ବର୍ତ୍ତମାନ ରାଜପଥ ନିର୍ମାଣ ଉପରେ ଖର୍ଚ୍ଚ 5 ଗୁଣ ଅଧିକ ବୃଦ୍ଧି ପାଇଛି । ଆଗାମୀ 4-5 ବର୍ଷ ମଧ୍ୟରେ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ 110 ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବା ଲାଗି ସରକାର ଘୋଷଣା କରିଛନ୍ତି ।
>
> ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

### ବାର୍ଷିକ ରାସ୍ତା ନିର୍ମାଣର ତଥ୍ୟ

| | |
|---|---|
| 2013-14 | 4,260 |
| 2014-15 | 4,410 |
| 2015-16 | 6,061 |
| 2016-17 | 8,231 |
| 2017-18 | 9,829 |
| 2018-19 | 10,855 |
| 2019-20 | 10,337 |

**ନକ୍ସଲ ପ୍ରଭାବିତ ରାଜ୍ୟ:** ଛତିଶଗଡ଼, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ବିହାର, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ମଧ୍ୟପ୍ରଦେଶରେ ନକ୍ସଲପ୍ରବଣ ଅଞ୍ଚଳ ରହିଛି । 2019 ବର୍ଷରେ 670 ଟି ନକ୍ସଲ ହିଂସା ଘଟଣା ଘଟିଥିବା ବେଳେ ଏଥିରେ 150 ସାଧାରଣ ନାଗରିକ, 52 ସୁରକ୍ଷାକର୍ମୀ ଏବଂ 145 ନକ୍ସଲ ପ୍ରାଣ ହରାଇଛନ୍ତି ଏବଂ 1267 ନକ୍ସଲ ଗିରଫ ହୋଇଛନ୍ତି ।

### ବର୍ତ୍ତମାନ ସୁଦ୍ଧା ନିର୍ମିତ ସଡ଼କ (କିମିରେ)

| | |
|---|---|
| ଜାତୀୟ ରାଜପଥ | 1,32,500 |
| ରାଜ୍ୟ ରାଜପଥ | 1,56,694 |
| ଅନ୍ୟ ରାସ୍ତା | 56,08,477 |
| ମୋଟ ଲମ୍ବ | 58,97,671 |

ଲମ୍ବ 44ଟି ସଡ଼କ ପ୍ରକଳ୍ପ ନିର୍ମାଣକୁ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ମଞ୍ଜୁରି ଦେଇଛି ।

"ଗଡ଼ଚିରୋଲି ଭଳି ନକ୍ସଲ ପ୍ରଭାବିତ ଜିଲ୍ଲାର ଦୂରବର୍ତ୍ତୀ ଇଲାକାରେ ସବୁ ଋତୁରେ ସଡ଼କ ସଂଯୋଗ ବ୍ୟବସ୍ଥା ହେବା ଫଳରେ ଏସବୁ କ୍ଷେତ୍ରର ସାମାଜିକ-ଅର୍ଥନୈତିକ ବିକାଶ ସମ୍ଭବ ହୋଇପାରିବ ଏବଂ ଆଗାମୀ ଦୁଇ ବର୍ଷ ମଧ୍ୟରେ ଜିଲ୍ଲାରେ ସାମଗ୍ରିକ ବିକାଶର ପ୍ରତିଫଳନ ଦେଖିବାକୁ ମିଳିବ", ନିତିନ ଗଡ଼କରୀ କହିଛନ୍ତି ।

### ନକ୍ସଲ ଭୟ ଦୂର କରିବା ଲାଗି ପୁଲିସ ଫାଣ୍ଡି ପ୍ରତିଷ୍ଠା

ନକ୍ସଲ ଭୟ ସତ୍ତ୍ୱେ ଗଡ଼ଚିରୋଲି ଜିଲ୍ଲାରେ ସେତୁ କାର୍ଯ୍ୟ ଶେଷ କରିବା ନିମନ୍ତେ ଇଞ୍ଜିନିୟର ଓ ଠିକାଦାରମାନଙ୍କୁ ନିତିନ ଗଡ଼କରୀ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଯେ ସେଠାରେ ଯୁଦ୍ଧଭଳି ପରିସ୍ଥିତି ଥିଲା ଏବଂ ପୁଲିସ ଫାଣ୍ଡି ପ୍ରତିଷ୍ଠା କରିବା ଆବଶ୍ୟକ ଥିଲା । ସେ ମଧ୍ୟ ୱାଇଗଙ୍ଗା, ବାନ୍ଦିୟା, ପେରିକୋଟା ଏବଂ ପେରିମିଲି ନଦୀ ଉପରେ ଆହୁରି 4ଟି ସେତୁ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିଲେ । ଏସବୁ ପ୍ରକଳ୍ପ ସଡ଼କ ଯୋଗାଯୋଗରେ ସୁଧାର ଆଣିବା ସହିତ ଏହି କ୍ଷେତ୍ରକୁ ଗମନାଗମନ ସୁବିଧା ହୋଇପାରିବ ଯାହାକି ଗଡ଼ଚିରୋଲି ଜିଲ୍ଲାର ସାମାଜିକ-ଆର୍ଥିକ ବିକାଶ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ।


### କୋଭିଡ-19 ସମୟରେ ଲକ୍ଷ୍ୟ ଠାରୁ ଅଧିକ 400 କିମି ସଡ଼କ ନିର୍ମାଣ

କରୋନା ମହାମାରୀ ସମୟରେ ମଧ୍ୟ ସଡ଼କ ନିର୍ମାଣ ରେକର୍ଡ ସ୍ତରରେ ପହଞ୍ଚିଥିଲା । କେବଳ ସଡ଼କ ନିର୍ମାଣ ଲକ୍ଷ୍ୟ ହାସଲ କରାଯାଇନଥିଲା ବରଂ ଅତିରିକ୍ତ 400 କିମି ସଡ଼କ ନିର୍ମାଣ କରାଯାଇଥିଲା । ଏପ୍ରିଲ ଓ ଅଗଷ୍ଟ ମାସରେ ବହୁସଂଖ୍ୟକ ପ୍ରବାସୀ ଶ୍ରମିକ ଘରକୁ ଫେରିଯାଇଥିଲେ । ଏସବୁ ପ୍ରକଳ୍ପ ବନ୍ଦ ହୋଇଯିବା କିମ୍ବା ବିଳମ୍ବିତ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା । ତେବେ ଉପଯୁକ୍ତ ପରିଚାଳନା ଏବଂ ପ୍ରସ୍ତୁତି କାରଣରୁ, ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଧାର୍ଯ୍ୟ ଲକ୍ଷ୍ୟ 2700 କିମି ସଡ଼କ ନିର୍ମାଣ କରାଯିବା ସହିତ ମୋଟ 3100 କିମି ସଡ଼କ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇଥିଲା । ଯାହାକି ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଅତିରିକ୍ତ 400 କିମି ଥିଲା । କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ଏକ କାର୍ଯ୍ୟକ୍ରମରେ କହିଥିଲେ ଯେ କରୋନା ମହାମାରୀ ସତ୍ତ୍ୱେ ସରକାର ଦ୍ରୁତ ଗତିରେ ସଡ଼କ ନିର୍ମାଣ କାମ ଜାରି ରଖିଛନ୍ତି। ଏହା ଦ୍ରୁତ ଗତିରେ ଠିକା କାମ ପ୍ରଦାନ କରୁଥିବାରୁ ସଡ଼କ ନିର୍ମାଣର ଗତି ମଧ୍ୟ ବୃଦ୍ଧି ପାଇଛି ।





# ନୂଆ ଶୀର୍ଷକୁ ଛୁଇଁବା ଲାଗି ଦକ୍ଷତା ବିକାଶ

**ଯୁବ ଜନସଂଖ୍ୟାକୁ ଏକ ଉପଯୋଗୀ ମାନବ ସମ୍ବଳରେ ପରିଣତ କରିବା ଲାଗି ନୂତନ ଦକ୍ଷତା ତାଲିମ ନିହାତି ଆବଶ୍ୟକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁଲାଇ 15, 2015ରେ ସ୍କିଲ ଇଣ୍ଡିଆ ଅଭିଯାନର ଶୁଭାରମ୍ଭ କରିଥିଲେ। ଉଦ୍ୟୋଗ ଜଗତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯୁବକମାନଙ୍କର ଦକ୍ଷତା ବିକାଶ କରିବା ଏବଂ ସେମାନଙ୍କୁ ଜୀବିକାର୍ଜନକ୍ଷମ ଏବଂ ଆତ୍ମବିଶ୍ୱାସୀ କରିବା ଏହି ମିଶନର ଲକ୍ଷ୍ୟ ଥିଲା। ଯାହାଫଳରେ ବିଗତ 5 ବର୍ଷ ମଧ୍ୟରେ ପାଖାପାଖି 5.52 କୋଟି ଯୁବକଯୁବତୀ ଦକ୍ଷତା ପ୍ରଶିକ୍ଷଣ ପାଇଛନ୍ତି।**


ଏଜାଜ ଅହମଦ ଦର


ଆୟନ ଘୋଷ

ଜମୁ ଓ କଶ୍ମୀରର ବଡ଼ଗାମ ଜିଲ୍ଲା ଅନ୍ତର୍ଗତ ଉପାନ୍ତ ଅଞ୍ଚଳ ବାସିନ୍ଦା ଏଜାଜ ଅହମ୍ମଦ ଦର ଏବଂ ପଶ୍ଚିମବଙ୍ଗର ଆୟାନ ଘୋଷଙ୍କ ଭଳି ଯୁବକମାନଙ୍କର ସ୍ୱପ୍ନ ସ୍କିଲ ଇଣ୍ଡିଆ ମିଶନ ଜରିଆରେ ସାକାର ହୋଇପାରିଛି। ନିଜର ଉଚ୍ଚ ମାଧ୍ୟମିକ ଶିକ୍ଷା ସମ୍ପୂର୍ଣ୍ଣ କରିବା ପରେ ମଧ୍ୟ ଏଜାଜ ଅସହାୟ ହୋଇ ବୁଲୁଥିଲେ। ନିଜର କିଛି ସାଙ୍ଗମାନଙ୍କ ପରାମର୍ଶ କ୍ରମେ ବଡ଼ଗାମସ୍ଥିତ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର (ପିଏମକେକେ)ରେ ସେ ହସ୍ପିଟାଲିଟି କ୍ଷେତ୍ରରେ ଫ୍ରଣ୍ଟ ଅଫିସ ସହାୟକ ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ସେ ସାକ୍ଷାତକାର ପାଇଁ ପ୍ରଶିକ୍ଷଣ ନେଲେ। ଏହାପରେ, ସେ ଶ୍ରୀନଗର ବିମାନ ବନ୍ଦରରେ ଥିବା କେଏଫସିରେ ନିଯୁକ୍ତି ପାଇଲେ।



## ବିଗତ ପାଞ୍ଚ ବର୍ଷ ମଧ୍ୟରେ ଉପଲବ୍ଧି

- 2014 ରେ ଦେଶରେ ମାତ୍ର 10,750 ଆଇଟିଆଇ ଥିଲା । ପାଞ୍ଚ ବର୍ଷ ମଧ୍ୟରେ ପାଖାପାଖି 5ହଜାର ନୂଆ ଆଇଟିଆଇ ଖୋଲିଛି । ବିଗତ ପାଞ୍ଚ ବର୍ଷ ମଧ୍ୟରେ ଏସବୁ ଆଇଟିଆଇରେ ଛାତ୍ରଛାତ୍ରୀଙ୍କ ନାମ ଲେଖା ସଂଖ୍ୟା 27.56 ଲକ୍ଷକୁ ବୃଦ୍ଧି ପାଇଛି। ଏସବୁ ଆଇଟିଆଇଗୁଡ଼ିକର କ୍ଷମତା 34.63 ଲକ୍ଷକୁ ବୃଦ୍ଧି ପାଇଛି ଯାହାକି 2015 ତୁଳନାରେ 85.5 ପ୍ରତିଶତ ଅଧିକ
- 2015ରେ ପାଖାପାଖି 70 ଲକ୍ଷ ପ୍ରଶିକ୍ଷିତ ଓ ପ୍ରମାଣପତ୍ର ପ୍ରାପ୍ତ ଯୁବକ ରହିଥିଲେ । ବର୍ତ୍ତମାନ, ପ୍ରତିବର୍ଷ, ପାଖାପାଖି 1 କୋଟି ଯୁବକ ସ୍କିଲ ଇଣ୍ଡିଆ ମିଶନରେ ଯୋଡ଼ି ହେଉଛନ୍ତି । 5 କୋଟିରୁ ଅଧିକ ଲୋକ ବିଗତ ପାଞ୍ଚ ବର୍ଷ ମଧ୍ୟରେ ପ୍ରଶିକ୍ଷଣ ଲାଭ କରିଛନ୍ତି ।

ବର୍ତ୍ତମାନ ସେ ନିଜ ପରିବାର ଚଳାଇବା ଲାଗି ଭଲ ଦରମାରେ ଚାକିରି କରୁଛନ୍ତି। ଆୟାନ ଘୋଷ ଜନ୍ମ ସମୟରେ ଠିକ ଭାବେ କଥା କହିପାରୁନଥିଲେ ଏବଂ ସେ କିଶୋରାବସ୍ଥାରେ ପହଞ୍ଚିବା ପରେ ତାଙ୍କର ଶ୍ରବଣ ସମସ୍ୟା ଦେଖାଦେଇଥିଲା। ଖୁବ ଛୋଟ ଥିବା ସମୟରେ ତାଙ୍କର ମାତାପିତା ଏକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ସେ ତାଙ୍କ କକାଙ୍କ ନିକଟରେ ବଢ଼ିଥିଲେ। ଆୟାନ ସ୍କୁଲ ପାଠପଢ଼ା ଶେଷ କରିଥିଲେ କିନ୍ତୁ ଭିନ୍ନକ୍ଷମ ହୋଇଥିବା କାରଣରୁ ସେ ଉଚ୍ଚ ଶିକ୍ଷା ଲାଭରୁ ବଞ୍ଚିତ ହୋଇଥିଲେ ।

# 7 କୌଶଳ ଭାରତ କୁଶଳ ଭାରତ ପାଇଁ ମାର୍ଗଦର୍ଶିକା

**ଆବଶ୍ୟକ ଦକ୍ଷତା ଥିଲେ ମଧ୍ୟ ଔପଚାରିକ ପ୍ରଶିକ୍ଷଣ ଏବଂ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ଥିବା ଦେଶର ଗରିବ ଏବଂ ବଞ୍ଚିତ ବର୍ଗର ଯୁବକମାନଙ୍କୁ ସହାୟତା କରିବା କୌଶଳ ଭାରତ କୁଶଳ ଭାରତର ଲକ୍ଷ୍ୟ । ଏହି ପ୍ରକଳ୍ପ ସେମାନଙ୍କୁ ଚାକିରିଯୋଗ୍ୟ କରିବା ନିମନ୍ତେ ଔପଚାରିକ ପ୍ରଶିକ୍ଷଣ ଏବଂ ଆବଶ୍ୟକ ଜରୁରି ପ୍ରମାଣପତ୍ର ପ୍ରଦାନ କରିଥାଏ ।**



ଦକ୍ଷତା ବିକାଶ ଯୋଜନା ବିଷୟରେ ଘୋଷଣା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ ଯେ ଏହି ଯୋଜନା କେବଳ ସେମାନଙ୍କ ଦକ୍ଷତା ବିକାଶ କରିବ ନାହିଁ ବରଂ ସେମାନଙ୍କର ପ୍ରତିଭା ବିକଶିତ କରିବ । ବିଗତ ପାଞ୍ଚ ବର୍ଷ ମଧ୍ୟରେ 5 କୋଟିରୁ ଅଧିକ ଯୁବକଙ୍କୁ ଏହି ମିଶନ ଅଧୀନରେ ପ୍ରଶିକ୍ଷଣ ଦିଆଯାଇସାରିଛି । ଏହି ଯୋଜନା ଅଧୀନରେ 34 ଲକ୍ଷ ଯୁବକଙ୍କୁ ଋଣ ସହାୟତା ଦିଆଯାଇଛି ।

ସ୍କିଲ ଇଣ୍ଡିଆ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାର ଶୁଭାରମ୍ଭ କରାଯାଇଥିଲା । ଏହି ଯୋଜନା ସେହି ଯୁବକମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନେ ସେମାନଙ୍କ ପ୍ରଶିକ୍ଷଣ ଖର୍ଚ୍ଚ ଉଠାଇବା ନିମନ୍ତେ ସକ୍ଷମ ନୁହଁନ୍ତି ।

ସରକାର ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ପ୍ରତିଷ୍ଠା କରିଛନ୍ତି ଯାହାକି ଏସବୁ ଯୋଜନାର ସୁଗମ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ସକାଶେ ଅନ୍ୟ ମନ୍ତ୍ରଣାଳୟ ସହିତ ସମନ୍ୱୟ ପ୍ରତିଷ୍ଠା କରି କାର୍ଯ୍ୟ କରୁଛି ।

ପଞ୍ଜୀକରଣ ପରେ, ଆବେଦନକାରୀ 40ଟି ବୈଷୟିକ କ୍ଷେତ୍ର ମଧ୍ୟରୁ ପ୍ରଶିକ୍ଷଣ ପାଇଁ ଯେକୌଣସି କ୍ଷେତ୍ରକୁ ଚୟନ କରିପାରିବେ। ପ୍ରଶିକ୍ଷଣ ଶେଷ ପରେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ।

**ସ୍କିଲ ଇଣ୍ଡିଆ:** ଜାତୀୟ ଦକ୍ଷତା ବିକାଶ ଏଜେନ୍ସି, ଜାତୀୟ ଦକ୍ଷତା ବିକାଶ ନିଗମ ଏବଂ ପ୍ରଶିକ୍ଷଣ ମହାନିର୍ଦ୍ଦେଶାଳୟ ଦ୍ୱାରା ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯାଉଛି । ଏହି ଧାରାରେ ରାଜ୍ୟଗୁଡ଼ିକରେ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି ।

ସ୍କିଲ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ଲାଭ ପାଇବା ନିମନ୍ତେ ଆବେଦନକାରୀ http:// pmkvyofficial.org ରେ ନିଜର ସମସ୍ତ ବିବରଣୀ ସହିତ ନିଜକୁ ପଞ୍ଜିକୃତ କରିପାରିବେ ।

## ପାଞ୍ଚଟି ବର୍ଗରେ 92 ଜଣଙ୍କୁ ଦକ୍ଷତା ପୁରସ୍କାର

### "ଯୁବକମାନେ ସେମାନଙ୍କର ଦକ୍ଷତାକୁ ନୂଆ ମୋଡ଼ ଦେଇ ଆତ୍ମନିର୍ଭର ଭାରତର ଶକ୍ତି ହେବା ଉଚିତ"



କୌଶଳାଚାର୍ଯ୍ୟ ପୁରସ୍କାର 2020 (କୌଶଳାଚାର୍ଯ୍ୟ ପୁରସ୍କାର) ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ମନ୍ତ୍ରରୁ ଦକ୍ଷତା ବିକାଶର ଗୁରୁତ୍ୱପୂର୍ଣ୍ଣ ଭୂମିକା ସ୍ପଷ୍ଟ ଭାବେ ବୁଝିହୋଇଥାଏ । ଏହି କାର୍ଯ୍ୟକ୍ରମରେ ସେ କହିଥିଲେ, "ସରକାରଙ୍କ ଦକ୍ଷତା ବିକାଶ ଲକ୍ଷ୍ୟ ହେଉଛି ବୈଶ୍ୱିକ ଚାହିଦା ପୂରଣ କରୁଥିବା ଶ୍ରମବଳ ସୃଷ୍ଟି କରିବା ଏବଂ ଏହି ଲକ୍ଷ୍ୟ ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ଯାହା ଦେଶରେ ଦକ୍ଷତା ଇକୋସିଷ୍ଟମ ବିକଶିତ କରିବାରେ ସହାୟକ ହେବ।" ସେ କହିଥିଲେ ଯେ, "ସମଗ୍ର ଦେଶ ଆତ୍ମନିର୍ଭର ଭାରତ ମିଶନ ଅଧୀନରେ ଏକତ୍ରିତ ହୋଇଛି ଏବଂ ପ୍ରତ୍ୟେକ ଭାରତୀୟ ଆତ୍ମନିର୍ଭରଶୀଳ ହେବା ସମୟର ଆବଶ୍ୟକତା, କାରଣ ଆମେ ଏକ ପରିବର୍ତ୍ତିତ ସମୟରେ ଜୀବନ ନିର୍ବାହ କରୁଛୁ ।"

- **କୌଶଳାଚାର୍ଯ୍ୟ ପୁରସ୍କାର:** ଦକ୍ଷତା ବିକାଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରତି ବର୍ଷ କୌଶଳାଚାର୍ଯ୍ୟ ସମାଦାର ପୁରସ୍କାର ଦିଆଯାଇଥାଏ ।
- ଚଳିତ ବର୍ଷ 92 ଜଣ ଦକ୍ଷତା ପ୍ରଶିକ୍ଷକଙ୍କୁ ପାଞ୍ଚଟି ଭିନ୍ନ ଭିନ୍ନ ବର୍ଗରେ ସମ୍ମାନିତ କରାଯାଇଥିଲା ।
- ଉଦ୍ୟମିତା ପ୍ରଶିକ୍ଷଣ ବର୍ଗରେ ତିନି ଜଣ, ଜନ ଶିକ୍ଷଣ ସଂସ୍ଥାନ ବର୍ଗରେ 15 ଜଣ ଏବଂ ସ୍ୱଳ୍ପଅବଧି ପ୍ରଶିକ୍ଷଣ ବର୍ଗରେ 14 ଜଣ ଏବଂ ଦୀର୍ଘଅବଧି ପ୍ରଶିକ୍ଷଣ ବର୍ଗରେ 15ଟି କର୍ପୋରେଟ ସମେତ 44 ଜଣଙ୍କୁ ପୁରସ୍କୃତ କରାଯାଇଥିଲା ।

କୌଶଳାଚାର୍ଯ୍ୟ ପୁରସ୍କାର ସମାରୋହ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଶୁଣିବା ଲାଗି କ୍ୟୁଆର କୋଡ ସ୍କାନ କରନ୍ତୁ

### ସ୍କିଲ ଇଣ୍ଡିଆକୁ ପାଞ୍ଚ ବର୍ଷ

- ବିଗତ 5 ବର୍ଷ ମଧ୍ୟରେ ପାଖାପାଖି 5ହଜାର ନୂଆ ଆଇଟିଆଇ ପ୍ରତିଷ୍ଠା କରାଯାଇଛି ଯେଉଁଠି 1 କୋଟିରୁ ଅଧିକ ଯୁବକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ।
- 723ଟି ପ୍ରଧାନମନ୍ତ୍ରୀ ଦକ୍ଷତା ବିକାଶ କେନ୍ଦ୍ର ସମେତ 33ଟି ଜାତୀୟ ଦକ୍ଷତା ପ୍ରଶିକ୍ଷଣ ସଂସ୍ଥାନ ଖୋଲାଯାଇଛି । ମାଇକ୍ରୋସଫ୍ଟ, ଆଇବିଏମ, ଆଡବ ଏବଂ ନାସକମ ଭଳି ଘରୋଇ ସଂସ୍ଥା ଏହି ପ୍ରକଳ୍ପରେ ସମ୍ପୃକ୍ତ ହୋଇଛନ୍ତି ।
- ଅନ୍ତର୍ଜାତୀୟ ଦକ୍ଷତା ପ୍ରତିଯୋଗିତାରେ ଭାରତର ଅଂଶଗ୍ରହଣ ସୁନିଶ୍ଚିତ ହୋଇଛି । ଏହାବ୍ୟତୀତ, ଦକ୍ଷ ଚାକିରି ଆଶାୟୀମାନଙ୍କୁ ସ୍ଥାୟୀ ନିଯୁକ୍ତି ସନ୍ଧାନରେ ସହାୟତା କରିବା ଲାଗି ଆତ୍ମନିର୍ଭର ସ୍କିଲଡ ଏମ୍ପ୍ଲଇ ଏମ୍ପ୍ଲୟର ମ୍ୟାପିଂ (ଅସୀମ) ନାମକ ଏକ ପୋର୍ଟାଲ ଉନ୍ମୋଚନ କରାଯାଇଛି ।
- ଭାରତ 2017 ରେ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ 29ତମ ସ୍ଥାନରେ ରହିଥିବା ବେଳେ 2019 ରେ ଉନ୍ନୀତ ହୋଇ 13ତମ ସ୍ଥାନରେ ପହଞ୍ଚିଯାଇଛି ।


### କୋଭିଡ ସଙ୍କଟ ସମୟରେ ବରଦାନ

- ଅଟୋମେଟିକ ସାନିଟାଇଜର ମେସିନ ନିର୍ମାଣ, ଫେସ ମାସ୍କ, ପିପିଇ କିଟ ଏବଂ ଡାକ୍ତରମାନଙ୍କ ସହାୟତା ଲାଗି ରୋବୋଟ ପ୍ରସ୍ତୁତ କରିବା କ୍ଷେତ୍ରରେ ଏସବୁ ପ୍ରଶିକ୍ଷଣ ସଂସ୍ଥାନ ଏବଂ ଆଇଟିଆଇଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି ।
- ସ୍ୱାସ୍ଥ୍ୟମନ୍ତ୍ରଣାଳୟର ସକ୍ରିୟ ସହଯୋଗରେ 1.75 ଲକ୍ଷ ସ୍ୱାସ୍ଥ୍ୟ ପେସାଦାରମାନଙ୍କୁ ନେଇ ଏକ ଡାଟାବେସ ପ୍ରସ୍ତୁତ କରାଯାଇଛି ।

କିନ୍ତୁ ପିଏମକେକେରେ ସେ ସିଲେଇ ମେସିନ ଅପରେଟର ଭାବେ ପ୍ରଶିକ୍ଷଣ ନେଇଥିଲେ ଯାହା ତାଙ୍କ ଦକ୍ଷତା ବୃଦ୍ଧି କରିବା ସହିତ ତାଙ୍କୁ ଆତ୍ମବିଶ୍ୱାସ ଫେରି ପାଇବାରେ ସହାୟକ ହୋଇଥିଲା । ପ୍ରଶିକ୍ଷକମାନେ ତାଙ୍କୁ ଶାରୀରିକ ଅକ୍ଷମତାକୁ ଏଡ଼ାଇ ଆଗକୁ ଯିବାରେ ସହାୟତା କରିଥିଲେ । ଆଜି, ସେ 'ଫ୍ରଣ୍ଟିଅର ପ୍ରୋଟେକ୍ଟିଭ ୱିଅର ପ୍ରାଃ ଲିଃ' ସହିତ କାମ କରୁଛନ୍ତି ଏବଂ ଭଲ ଦରମା ପାଉଛନ୍ତି । ସେହିପରି, କେରଳ କୁନ୍ନୁର ଜିଲ୍ଲାର ଅଜେଶ ଏବଂ ଦିଲ୍ଲୀର ପ୍ରିୟଙ୍କା ମଧ୍ୟ ନିଜ ନିଜର ସଫଳ ଜୀବନଯାତ୍ରାକୁ ନେଇ ଆଗେଇ ଚାଲିଛନ୍ତି ଯେଉଁଥିରେ ସେମାନଙ୍କୁ ସ୍କିଲ ଇଣ୍ଡିଆ ମିଶନ ସେମାନଙ୍କର ସ୍ୱପ୍ନକୁ ସାକାର କରିବାରେ ସହାୟକ ହୋଇଛି । ଏହି ମିଶନର ଉଦ୍ଦେଶ୍ୟ ହେଉଛି ଯୁବକଯୁବତୀମାନଙ୍କୁ ଏପରି ଭାବେ ଦକ୍ଷତା ତାଲିମ ଦେବା ଯାହା ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିବା ସହିତ ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ହେବାରେ ସହାୟକ ହେବ। ଏହି କାର୍ଯ୍ୟକ୍ରମ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଜୀବିକାର୍ଜନର ମାର୍ଗ ପ୍ରଶସ୍ତ କରିଛି । ଏହି ମିଶନ ମଧ୍ୟ ଆତ୍ମନିର୍ଭର ଭାରତ ଅଭିଯାନକୁ ତ୍ୱରାନ୍ୱିତ କରିବା ଦିଗରେ ସହାୟକ ହୋଇପାରିବ । ■

# ପ୍ରତି ଗାଁରେ ପହଞ୍ଚିବ ଅପ୍ଟିକାଲ ଫାଇବର

## ଦେଶର ସବୁଠୁ ଉପାନ୍ତ ଗ୍ରାମରେ ମଧ୍ୟ ଅପ୍ଟିକାଲ ଫାଇବର ଇଣ୍ଟରନେଟ ଯୋଗାଇ ଦେବା ଲାଗି ସରକାର କାର୍ଯ୍ୟ ଆରମ୍ଭ କରିଛନ୍ତି



ଚଳିତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ଲାଲକିଲା ପ୍ରାଚୀରରୁ ଅଭିଭାଷଣ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଅବଶିଷ୍ଟ ଗ୍ରାମକୁ ଆସନ୍ତା 1000ଦିନ ମଧ୍ୟରେ ଅପ୍ଟିକାଲ ଫାଇବର ଇଣ୍ଟରନେଟ ସଂଯୋଗ ଦେବା ନିମନ୍ତେ ଘୋଷଣାକୁ ଦୋହରାଇଥିଲେ। ତାଙ୍କ କାର୍ଯ୍ୟଶୈଳୀ ଅନୁରୂପ ଏହି ଘୋଷଣାର ମାତ୍ର 36 ଦିନ ମଧ୍ୟରେ ସେପ୍ଟେମ୍ବର 21, 2020ରେ ହର ଗାଓଁ ମେ ଅପ୍ଟିକାଲ ଫାଇବର ଦ୍ୱାରା ଇଣ୍ଟରନେଟ ସୁବିଧା ପ୍ରକଳ୍ପ ଆରମ୍ଭ କରାଯାଇଥିଲା ।

2014 ପୂର୍ବରୁ ଅପ୍ଟିକାଲ ଫାଇବର ଇଣ୍ଟରନେଟ ସଂଯୋଗ ମାତ୍ର 5 ଡଜନ ପଞ୍ଚାୟତରେ ପହଞ୍ଚିପାରିଥିଲା। କିନ୍ତୁ ବିଗତ ପାଞ୍ଚ ବର୍ଷ ମଧ୍ୟରେ ଏହା 1.5 ଲକ୍ଷ ଗ୍ରାମ ପଞ୍ଚାୟତରେ ପହଞ୍ଚି ପାରିଥିଲା। ଏବେ, ସରକାର ଦେଶର ସମସ୍ତ 6 ଲକ୍ଷ ଗ୍ରାମରେ ଆସନ୍ତା 1000 ଦିନ ମଧ୍ୟରେ ଅପ୍ଟିକାଲ ଫାଇବର ସଂଯୋଗ ପହଞ୍ଚାଇବା ନିମନ୍ତେ ଲକ୍ଷ୍ୟ ରଖିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, "ଖୁବଶୀଘ୍ର, ସହର ଭଳି, ଆମ ଗାଁ ମଧ୍ୟ ଅନଲାଇନ ବଜାର ସହିତ ଯୋଡ଼ି ହେବ । ଦେଶର ପ୍ରତ୍ୟେକ ଗ୍ରାମ ଓ ପ୍ରତ୍ୟେକ ଘରେ ହାଇସ୍ପିଡ ଇଣ୍ଟରନେଟ ସୁବିଧା ରହିବ ।"

ଡିଜିଟାଲ କାରବାର କ୍ଷେତ୍ରରେ ଭାରତ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ମଧ୍ୟରେ ସାମିଲ ହୋଇପାରିଥିବାରୁ ଏଥିରୁ ଦ୍ରୁତ ଇଣ୍ଟରନେଟ ସଂଯୋଗ ଗୁରୁତ୍ୱ ଜଣାପଡ଼ିଥାଏ । କେବଳ ଅଗଷ୍ଟ 2020ରେ ୟୁପିଆଇ ଜରିଆରେ ଡିଜିଟାଲ କାରବାର 3 ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଥିଲା। ତେବେ ଦେଶର ଗାଁଗୁଡ଼ିକରେ ଉନ୍ନତ ମାନର, ଦ୍ରୁତ ଇଣ୍ଟରନେଟ ସୁବିଧା ରହିବା ଜରୁରି । ■

### ପ୍ରାରମ୍ଭିକ ପର୍ଯ୍ୟାୟ

- ପ୍ରତ୍ୟେକ ଗ୍ରାମରେ ଏକ ୱାଇଫାଇ ହଟସ୍ପଟ ସଂଯୋଗ କରାଯିବ ଏବଂ ଏକ ଜନ ସେବା କେନ୍ଦ୍ର ଇଣ୍ଟରନେଟ ସେବା ଯୋଗାଇ ଦେବ ।
- ନିର୍ଦ୍ଦିଷ୍ଟ ସରକାରୀ ସଂସ୍ଥାନକୁ ଗୋଟିଏ ୱାଇଫାଇ ଏବଂ ଆଉ ଗୋଟିଏ ଏଫଟିଟିଏଚ ସଂଯୋଗ ମାଗଣାରେ ଯୋଗାଇ ଦିଆଯିବ।


### ଯୋଜନାର ଲକ୍ଷ୍ୟ

- ସବୁ ଗାଁକୁ ଡିଜିଟାଲ ଗ୍ରାମରେ ପରିଣତ କରିବା।
- ଗ୍ରାମବାସୀଙ୍କ ଡିଜିଟାଲ ସଶକ୍ତିକରଣ, ଡିଜିଟାଲ ସଶକ୍ତିକରଣର ପ୍ରସାର, ଡିଜିଟାଲ ଶୂନ୍ୟସ୍ଥାନ ପୂରଣ କରିବା ଏବଂ ସମସ୍ତ ଗ୍ରାମବାସୀଙ୍କୁ ଡିଜିଟାଲ ସେବା ପ୍ରଦାନ କରିବା ।
- ସମାବେଶୀ ସାମାଜିକ-ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବା।
- ଏହି ଯୋଜନା କାର୍ଯ୍ୟକାରୀ ହେବା ପରେ ଏହାର ସାମାଜିକ-ଅର୍ଥନୈତିକ ପ୍ରଭାବ ମୂଲ୍ୟାୟନ କରାଯିବ ।

### ଯୋଜନାର ଲାଭ

- ଏହି ଯୋଜନା ଇ-ଶିକ୍ଷା, ଇ-କୃଷି, ଟେଲି ମେଡ଼ିସିନ, ଟେଲି ଆଇନସେବା ଏବଂ ଅନ୍ୟ ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିବାରେ ସହାୟକ ହେବ ।
- ଗୋଟିଏ ମାଉସ କ୍ଲିକରେ ନାଗରିକମାନେ ସମସ୍ତ ଡିଜିଟାଲ ସେବା ପାଇବାକୁ ସକ୍ଷମ ହୋଇପାରିବେ ।
- ଚାଷୀମାନେ ବିହନ ଏବଂ ପାଣିପାଗ ବିଷୟରେ ଉଚିତ ସମୟରେ ସୂଚନା ପାଇପାରିବେ; ସେମାନଙ୍କ ପାଇଁ ଏକ ଦେଶବ୍ୟାପୀ ବଜାର ଉନ୍ମୁକ୍ତ ହୋଇପାରିବ ।
- ଏହା ସେମାନଙ୍କୁ ବିଶ୍ୱର ଯେକୌଣସି ସ୍ଥାନରେ ନିଜର ଉତ୍ପାଦ ବିକ୍ରି କରିବାରେ ସହାୟକ ହେବ ।

ଫିଟ ଇଣ୍ଡିଆ



# ଗୋଟିଏ ବର୍ଷ ପୂରଣ

# ଇଣ୍ଡିଆ ଫିଟ୍

**ସୁସ୍ଥ ଲୋକ, ସୁସ୍ଥ ପରିବାର ଏବଂ ସୁସ୍ଥ ସମାଜ, ଏହି ମାର୍ଗରେ ନ୍ୟୁ ଇଣ୍ଡିଆକୁ ବେଷ୍ଟ ଇଣ୍ଡିଆରେ ପରିଣତ କରିହେବ**

**- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**

ଗତ ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫିଟ ଇଣ୍ଡିଆ ଅଭିଯାନର ଶୁଭାରମ୍ଭ କରିଥିଲେ । ଦେଶବାସୀଙ୍କୁ ସେମାନଙ୍କ ଫିଟନେସ ବଢାଇବା ନିମନ୍ତେ ଚ୍ୟାଲେଞ୍ଜ ନେବାକୁ ଆହ୍ୱାନ କରିଥିଲେ । 2014ରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ପ୍ରଧାନମନ୍ତ୍ରୀ ନିରବଚ୍ଛିନ୍ନ ଭାବେ ଦାୟିତ୍ୱ ସମ୍ପାଦନ କରିଚାଲିଛନ୍ତି । ଏକ ଭାରତ ଶ୍ରେଷ୍ଠ ଭାରତ ସ୍ୱପ୍ନକୁ ସାକାର କରିବା ଲାଗି ଫିଟନେସର ଗୁରୁତ୍ୱକୁ ସେ ଭଲ ଭାବେ ହୃଦୟଙ୍ଗମ କରିଛନ୍ତି ।

କୋଭିଡ-19 ମହାମାରୀ ଫିଟ୍ ରହିବାର ଗୁରୁତ୍ୱ ଉପରେ ରେଖାପାତ କରିଛି । ବିଶ୍ୱର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏହି ବାସ୍ତବତାକୁ ଦୋହରାଇଛନ୍ତି ଯେ ଶାରୀରିକ ଭାବେ ସୁସ୍ଥସବଳ ଥିବା ଲୋକମାନେ ସେମାନଙ୍କର ଦୃଢ଼ ରୋଗ ପ୍ରତିରୋଧକ ଶକ୍ତି ବଳରେ କୋଭିଡ-19 ସଂକ୍ରମଣକୁ ପ୍ରତିହତ କରିପାରିବେ ଏବଂ ସେମାନେ ଦ୍ରୁତ ବେଗରେ ଆରୋଗ୍ୟ ଲାଭ କରିପାରିବେ ।

ଏହି ଅଭିଯାନର ଏକ ବର୍ଷ ପୂର୍ତ୍ତି ଅବସରରେ ସେପ୍ଟେମ୍ବର 24, 2020ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ବୟସ ଅନୁକୂଳ ଫିଟନେସ ନିୟମ'ର ଉନ୍ମୋଚନ କରିଛନ୍ତି ଯାହାର ବାର୍ତ୍ତା ରହିଛି-"ଦୈନିକ ୩୦ ମିନିଟର ଫିଟନେସ ଡୋଜ"। ଏହି ଅବସରରେ ସେ କହିଥିଲେ ଯେ "ଯେପରି କିଛି ଲୋକଙ୍କ ଧାରଣା ରହିଛି, ଫିଟ ରହିବା ସେତେ କଷ୍ଟକର କାର୍ଯ୍ୟ ନୁହେଁ । କେତେକ ନିୟମ ଏବଂ ସାମାନ୍ୟ ପରିଶ୍ରମ ଦ୍ୱାରା, ଆମେ ସୁସ୍ଥ ରହିପାରିବା ।"

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଫିଟ ଇଣ୍ଡିଆ ଅଭିଯାନ ଏହାର ପ୍ରାସଙ୍ଗିକତାକୁ ସାବ୍ୟସ୍ତ କରିଛି ଏବଂ ଏହା କରୋନା ସମୟରେ ମଧ୍ୟ ନିଜର ପ୍ରଭାବ ଦେଖାଇଛି । ସେ କହିଥିଲେ ଯେ ବର୍ତ୍ତମାନ ଯୋଗ, ବ୍ୟାୟାମ, ଚାଲିବା, ଦୌଡ଼ିବା, ପହଁରିବା, ସୁସ୍ଥ ଖାଦ୍ୟ ଅଭ୍ୟାସ, ସୁସ୍ଥ ଜୀବନ ଶୈଳୀ ଲୋକମାନଙ୍କର



## ପ୍ରଧାନମନ୍ତ୍ରୀଙ୍କ ପସନ୍ଦର ଖାଦ୍ୟ

ଜଳଖିଆ ସହିତ ସେ ଅଦା ଓ ଅଳ୍ପ ଚିନି ପଡ଼ିଥିବା ଚା' ପିଇବାକୁ ପସନ୍ଦ କରନ୍ତି। ଖେଚୁଡ଼ି ତାଙ୍କର ପ୍ରିୟ ଖାଦ୍ୟ ମଧ୍ୟରୁ ଅନ୍ୟତମ । ଏହାଛଡ଼ା ସେ ଗୁଜରାଟୀ ଖାଦ୍ୟ ଖାଇବାକୁ ଭଲ ପାଆନ୍ତି, ଯେଉଁଥିରେ ଭକଡ଼ି, ଖାଣ୍ଡୱି ଓ ଢୋକଲା ସାମିଲ । ସେ ମଧ୍ୟ ଇଡଲି, ସମ୍ବର, ଡୋସା ଓ ଚୁଡ଼ା ଖାଇବାକୁ ଭଲ ପାଆନ୍ତି। ମଧ୍ୟାହ୍ନ ଭୋଜନରେ ସେ ହାଲୁକା ଗୁଜରାଟୀ ଓ ଦକ୍ଷିଣ ଭାରତୀୟ ବ୍ୟଞ୍ଜନ ଗ୍ରହଣ କରିଥାନ୍ତି ଏବଂ ରାତି ଭୋଜନରେ ସେ ଡାଲି ରୁଟି କିମ୍ବା ଖିଚୁଡ଼ି କିମ୍ବା ଡାଲି ଶାଗ ପସନ୍ଦ କରିଥାନ୍ତି ।

## ପ୍ରଧାନମନ୍ତ୍ରୀଙ୍କ ଦିନଚର୍ଯ୍ୟା

ଗତମାସ 70 ବର୍ଷ ପୂରଣ କରିଥିବା ପ୍ରଧାନମନ୍ତ୍ରୀଙ୍କ ଦୈନିକ କାର୍ଯ୍ୟ ସମୟ ଦୀର୍ଘ 18 ଘଣ୍ଟା ପର୍ଯ୍ୟନ୍ତ ଲମ୍ବିଥାଏ; ସେ ଦିନକୁ ମାତ୍ର 4-5 ଘଣ୍ଟା ଶୋଇଥାନ୍ତି । ଏତେ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ସତ୍ତ୍ୱେ ସେ ସକାଳ ଭଳି ରାତିରେ ମଧ ସତେଜ ରହିଥାନ୍ତି ଯାହାକୁ ତାଙ୍କର ବିରୋଧୀମାନେ ମଧ ଗ୍ରହଣ କରିଛନ୍ତି । ପ୍ରଧାନମନ୍ତ୍ରୀ ସକାଳ 5ଟାରେ ଉଠିଥାନ୍ତି ଏବଂ ନିତ୍ୟକର୍ମ ସାରିବା ପରେ ପାଖାପାଖି 45 ମିନିଟ ପର୍ଯ୍ୟନ୍ତ ଯୋଗ ଓ ପ୍ରାଣାୟାମ କରିଥାନ୍ତି ।

ସ୍ୱାଭାବିକ ଚେତନାର ଅଂଶବିଶେଷ ପାଲଟିଛି । ସେ ଲୋକମାନଙ୍କୁ ଯୋଗ କରିବା କିମ୍ବା ବ୍ୟାଡମିଣ୍ଟନ, ଟେନିସ କିମ୍ବା ଫୁଟବଲ, କରାଟେ କିମ୍ବା କବାଡ଼ି କିମ୍ବା ଯାହା ସେମାନେ ପସନ୍ଦ କରନ୍ତି ଅତି କମରେ ଦୈନିକ 30 ମିନିଟ ପର୍ଯ୍ୟନ୍ତ କରିବା ଲାଗି ପରାମର୍ଶ ଦେଇଥିଲେ ।

## ଫିଟନେସ କାହିଁକି ଜରୁରି

ଅଗଷ୍ଟ 29, 2019ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫିଟ ଇଣ୍ଡିଆ ଅଭିଯାନର ଆରମ୍ଭ କରିଥିଲେ। ଏହି ଅଭିଯାନର ଆବଶ୍ୟକତା ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଭଳି ବହୁ ଜୀବନଶୈଳୀ ସଂକ୍ରାନ୍ତ ରୋଗ ବୃଦ୍ଧି ପାଇବାରେ ଲାଗିଛି।

## ଫିଟ ରହିବାକୁ ସ୍ୱତନ୍ତ୍ର ଖାଦ୍ୟ, ନିୟମିତ ଯୋଗ

ପ୍ରଧାନମନ୍ତ୍ରୀଙ୍କ ସୁସ୍ଥ ଜୀବନ ମନ୍ତ୍ର ବେଶ ସ୍ପଷ୍ଟ । ସକାଳୁ ପ୍ରକୃତି ଓ ଯୋଗ ସହିତ ତାଙ୍କର ଦିନଚର୍ଯ୍ୟା ଆରମ୍ଭ ହୋଇଥାଏ। ସେ ମଧ ନିଜର ଫିଟନେସ ପାଇଁ ସ୍ୱତନ୍ତ୍ର ଖାଦ୍ୟ ଗ୍ରହଣ କରିଥାନ୍ତି । ସେ ମଧ ଫିଟନେସ ଭିଡିଓ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଛାଡ଼ିଥାନ୍ତି । ପ୍ରଧାନମନ୍ତ୍ରୀ କୌଣସି ନିର୍ଦ୍ଦିଷ୍ଟ ଖାଦ୍ୟ ଖାଇନଥାନ୍ତି ବରଂ ଦିନକୁ ଦୁଇ ଥର ଏକ ନିର୍ଦ୍ଧାରିତ ସମୟରେ ଖାଦ୍ୟ ଗ୍ରହଣ କରିଥାନ୍ତି ଉଦାହରଣ ସ୍ୱରୂପ ପୂର୍ବାହ୍ନ 10ଟା ଏବଂ ସନ୍ଧ୍ୟା 7ଟାରେ । ଏହି ଦୁଇଟି ସମୟରେ ଜଣେ ଚାହିଁଲେ 55 ମିନିଟ ଅନ୍ତରାଳରେ ଯାହା କିଛି ଖାଇପାରିବ । ଦୀର୍ଘ ସମୟ ଧରି ପ୍ରଧାନମନ୍ତ୍ରୀ ଏହି ଖାଦ୍ୟଶୈଳୀକୁ ଅବଲମ୍ବନ କରିଆସୁଛନ୍ତି । ପାଖାପାଖି 100 ସାଂସଦ, ଅଧିକାରୀ ଏବଂ ସେମାନଙ୍କର ପରିବାର ସଦସ୍ୟମାନେ ଏହି ଖାଦ୍ୟଶୈଳୀକୁ ଆପଣାଇଛନ୍ତି । ଏହା ବହୁ ସାଂସଦମାନଙ୍କୁ ଓଜନ ହ୍ରାସରେ ସହାୟକ ହୋଇଛି । ଏପରିକି 2019 ଲୋକସଭା ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ଏହି ଖାଦ୍ୟଶୈଳୀକୁ ଗ୍ରହଣ କରିଥିଲେ । ଏହି ଖାଦ୍ୟଶୈଳୀର ଲାଭକୁ ଦେଖି ପ୍ରଧାନମନ୍ତ୍ରୀ ଅନ୍ୟ ସାଂସଦମାନଙ୍କୁ ଫିଟ ରହିବା ନିମନ୍ତେ ଏହାକୁ ଗ୍ରହଣ କରିବା ଲାଗି ପରାମର୍ଶ ଦେଇଥିଲେ । ଏଥିପାଇଁ ଏକ ଔପଚାରିକ କ୍ୟାମ୍ପ ବଜେଟ ଅଧିବେଶନ ପୂର୍ବରୁ ଫେବୃଆରୀ 2020ରେ ଆୟୋଜନ କରାଯାଇଥିଲା । ପାଖାପାଖି 100 ଜଣ ସାଂସଦ ଏଥିରେ ଅଂଶଗ୍ରହଣ କରିଥିଲେ । ସେହିପରି ସୁରକ୍ଷା କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନଙ୍କ ପାଇଁ ଏପରି ଏକ କ୍ୟାମ୍ପର ଆୟୋଜନ କରାଯାଇଥିଲା ଯେଉଁଥିରେ 3000 ଲୋକ ଅଂଶଗ୍ରହଣ କରିଥିଲେ ।

"ବେଳେ ବେଳେ ଆମେ ଶୁଣୁଛୁ ପରିବାରରେ 12-15 ବର୍ଷର ପିଲା ମଧୁମେହରେ ପୀଡ଼ିତ ହେଉଛନ୍ତି । ନିଜ ଚାରିପାଖକୁ ଦେଖନ୍ତୁ ଏବଂ ଆପଣ ପାଇବେ ଯେ ବହୁସଂଖ୍ୟକ ଲୋକ ଏସବୁ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ସାଧାରଣତଃ ଆମେ ଶୁଣୁଥିଲୁ ଯେ 50-60 ବର୍ଷ ବୟସ ପରେ ହୃଦଘାତର ଆଶଙ୍କା ବୃଦ୍ଧି ପାଇଥାଏ, କିନ୍ତୁ ଆମେ ଆଜି ଶୁଣିବାକୁ ପାଉଛୁ 30, 35, 40 ବର୍ଷର ପୁଅ ଓ ଝିଅମାନେ ହୃଦଘାତରେ ପ୍ରାଣ ହରାଉଛନ୍ତି । ଏପରି ପରିସ୍ଥିତି ବେଶ ଚିନ୍ତାଜନକ, କିନ୍ତୁ ଏଠାରେ ମଧ ଆଶାର ଏକ କିରଣ ରହିଛି। ବର୍ତ୍ତମାନ ଆପଣ ଭାବୁଥିବେ ଏସବୁ ରୋଗର ପ୍ରାବଲ୍ୟ ମଧରେ ମୁଁ କିପରି ଭାବେ ଏକ ଆଶାର କିରଣ ବିଷୟରେ କହୁଛି। ସକାରାତ୍ମକ ରହିବା ମୋର ସ୍ୱଭାବ । ତେଣୁ ସେଥିରୁ ମଧ ମୁଁ କିଛି ଭଲ କଥା ଶିଖିପାରିଛି," ସେ କହିଥିଲେ । ପ୍ରଧାନମନ୍ତ୍ରୀ ମଧ କହିଥିଲେ, "ଆମେ ଯେତେବେଳେ ନିୟମିତ ବ୍ୟାୟାମ କରିଥାଉ ଏବଂ ନିଜକୁ ଫିଟ ଓ ଦୃଢ଼ ରଖିଥାଉ, ସେତେବେଳେ ଆମ ଭିତରେ ଏକ ଭାବନା ଉଙ୍କି ମାରିଥାଏ ଯେ- ହଁ, ଆମେ ହିଁ ଆମର ନିର୍ମାତା । ଆତ୍ମବିଶ୍ୱାସ ବୃଦ୍ଧି ପାଇଥାଏ । ଏହି ଆତ୍ମବିଶ୍ୱାସ ମଧ ମଣିଷକୁ ଜୀବନର ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିବା ଦିଗରେ ସହାୟକ ହୋଇଥାଏ ।"

### କ୍ରୀଡ଼ାବିତ ଓ ଫିଟନେସ ବିଶେଷଜ୍ଞମାନଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା

ଫିଟ ଇଣ୍ଡିଆ ଅଭିଯାନର ଏକ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ 7 ଜଣ କ୍ରୀଡ଼ାବିତ, ଫିଟନେସ ବିଶେଷଜ୍ଞ ଏବଂ ଅନ୍ୟମାନଙ୍କ ସହିତ ଆଲୋଚନା କରିଥିଲେ-ପାରା ଅଲିମ୍ପିକ୍ସ ସ୍ୱର୍ଣ୍ଣବିଜେତା ଜାଭେଲିନ ଫିଙ୍ଗାଳି ଦେବେନ୍ଦ୍ର ଝାଝରିଆ; ଜମ୍ମୁ ଓ କଶ୍ମୀରର ଫୁଟବଲ ଗୋଲକିପର ଆଫସାନ ଆଶିକ, ଅଭିନେତା ଏବଂ ମଡେଲ ମିଲିନ୍ଦ ସୋମନ; ପୋଷଣ ବିଶେଷଜ୍ଞ ରୁଜୁତା ଦିୱେକର, ସ୍ୱାମୀ ଶିବଧାନମ ସରସ୍ୱତୀ; କ୍ରିକେଟର ବିରାଟ କୋହଲି; ଏବଂ ଶିକ୍ଷାବିତ ମୁକୁଲ କାନିତକର ।

ଏହି ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ 'ଫିଟ ଇଣ୍ଡିଆ ଅଭିଯାନ' ପ୍ରକୃତରେ 'ହିଟ ଇଣ୍ଡିଆ ଅଭିଯାନ'।

ସ୍ୱାମୀ ବିବେକାନନ୍ଦଙ୍କ ଉକ୍ତିକୁ ଉଦ୍ଧାର କରି ପ୍ରଧାନମନ୍ତ୍ରୀ କହିଥିଲେ; "ଜୀବନ ଶକ୍ତି, ଦୁର୍ବଳତା ମୃତ୍ୟୁ। ବିସ୍ତାର ହେଉଛି ଜୀବନ, ସଙ୍କୋଚନ ମୃତ୍ୟୁ ।"

## ଫିଟ ଇଣ୍ଡିଆ ଅଭିଯାନକୁ ଗୋଟିଏ ବର୍ଷ

FIT INDIA

**2019 ଉଦଘାଟନୀ ଅଧିବେଶନରେ 55,000 ସ୍ଥାନରେ, 30 ଲକ୍ଷରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ ।**

- ପାଖାପାଖି 1 କୋଟି ଲୋକ ଫିଟ ଇଣ୍ଡିଆ ୱେବସାଇଟ (www.fitindia.gov.in) ପରିଦର୍ଶନ କରିବା ସହିତ ସେଥିରୁ ଫିଟ ରହିବାର ଉପାୟ ଶିଖିଛନ୍ତି ।
- 2.5 ଲକ୍ଷ ବିଦ୍ୟାଳୟ ପଞ୍ଜିକୃତ ହୋଇଛି ଏବଂ 1.67 ଲକ୍ଷ ବିଦ୍ୟାଳୟକୁ ଫିଟଇଣ୍ଡିଆ ପ୍ରମାଣପତ୍ର ମିଳିଛି
- ଅତିକମରେ ଗୋଟିଏ ପିରିୟଡ ଫିଟନେସ ଓ କ୍ରୀଡ଼ା ପ୍ରତି ସମର୍ପିତ ହେବ ବୋଲି ବିଦ୍ୟାଳୟଗୁଡ଼ିକ ଆଶ୍ୱାସନା ଦେଇଛନ୍ତି ।
- ଆଖପାଖ ଅଞ୍ଚଳକୁ ସଫା ରଖିବା ସହିତ ନିଜକୁ ଫିଟ ରଖିବା ଲାଗି ଅଳିଆ ଗୋଟାଇବା ସବୁଠୁ ଉପଯୁକ୍ତ ମାର୍ଗ । ଏହାକୁ ଜଗିଂ ଏବଂ ଅଳିଆ ଗୋଟାଇବାର ମିଶ୍ରଣ ଭାବେ କରାଯାଇପାରିବ ।
- ପାଖାପାଖି 30 କୋଟି ଲୋକଙ୍କ ନିକଟରେ ଫିଟ ଇଣ୍ଡିଆ ଫ୍ରିଡମ ରନ ପହଞ୍ଚିପାରିଛି ।
- 15,000ରୁ ଅଧିକ ସ୍କୁଲ ଫିଟ ଇଣ୍ଡିଆ ସପ୍ତାହରେ ଅଂଶଗ୍ରହଣ କରିଛନ୍ତି ।
- ଫିଟ ଇଣ୍ଡିଆ ସାଇକ୍ଲୋଥନରେ 16,000 ସ୍ଥାନରେ 35 ଲକ୍ଷ ଲୋକ ଏକଜୁଟ ହୋଇଥିଲେ।
- ମହିଳାମାନଙ୍କ ପାଇଁ ଫିଟ ଇଣ୍ଡିଆ ପଦଯାତ୍ରାରେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି ।

### କରୋନା ଭୂତାଣୁ ବିରୋଧରେ ଫିଟ ଇଣ୍ଡିଆ

- କରୋନା ଭୂତାଣୁ ବିରୋଧୀ ଲଢ଼େଇରେ ଫିଟ ଇଣ୍ଡିଆ ବହୁପାଦ ଆଗକୁ ଯାଇଛି ।
- ଲକ୍ଷ ଲକ୍ଷ ଲୋକ ଲକଡାଉନ ସମୟରେ ଅଭିଯାନରେ ଯୋଡ଼ି ହେବା ସହିତ ଏହାକୁ ସେମାନଙ୍କ ଜୀବନର ଅଂଶବିଶେଷ ସଜାଇଛନ୍ତି ।
- ଏକ ଭାରତ ଶ୍ରେଷ୍ଠ ଭାରତ ଅଧୀନରେ ଦେଶୀୟ କ୍ରୀଡ଼ାର ଏକ ଶୃଙ୍ଖଳା ପ୍ରଦର୍ଶିତ ହୋଇଥିଲା ଏବଂ ଦଶ ଲକ୍ଷରୁ ଅଧିକ ଲୋକ ଏହାକୁ ଦେଖିଥିଲେ । ଏହା ଦେଶରେ ପାରମ୍ପରିକ କ୍ରୀଡ଼ା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲା ।
- 3.5 ଲକ୍ଷରୁ ଅଧିକ ଲୋକ ଫିଟନେସ ଟକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଯେଉଁଥିରେ କ୍ରୀଡ଼ାବିତମାନେ ସେମାନଙ୍କର ଅଭିଜ୍ଞତା ବଖାଣିଥିଲେ ।
- ବିଭିନ୍ନ ବୟସ ବର୍ଗ ଯେପରିକି 5-18 ବର୍ଷ, 18-65 ଏବଂ 65ରୁ ଅଧିକ ବର୍ଗ ପାଇଁ ଭିନ୍ନ ଭିନ୍ନ ନିୟମ ପ୍ରସ୍ତୁତ କରାଯାଇଥିଲା ।

ଫିଟ ଇଣ୍ଡିଆ ଉପରେ ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଭାଷଣ ଶୁଣିବା ଲାଗି କ୍ୟୁଆର କୋଡ ସ୍କାନ କରନ୍ତୁ।

# କୋଭିଡ-19 କାଳରେ ସଂସଦରେ ରେକର୍ଡ ସଂଖ୍ୟକ ବିଲ ପାସ୍

**ସଂସଦର ମୌସୁମୀ ଅଧିବେଶନ କାଳରେ ଲୋକସଭା ଏବଂ ରାଜ୍ୟସଭାର କାର୍ଯ୍ୟ ପ୍ରଦର୍ଶନ ଶତପ୍ରତିଶତରୁ ଅଧିକ ରହିଥିଲା । ସଂସଦର ଅନୁମୋଦନ କ୍ରମେ ସମସ୍ତ 11ଟି ଅଧାଦେଶ ଆଇନରେ ପରିଣତ ହୋଇଥିଲା ଏବଂ ରେକର୍ଡ ସଂଖ୍ୟକ ବିଲ ପାସ ହୋଇଥିଲା ।**

ବିକାଶଧାରାକୁ ଆଗେଇ ନେବାର ପ୍ରୟାସକ୍ରମେ ସରକାର ସଂସଦର ମୌସୁମୀ ଅଧିବେଶନ ଆୟୋଜନ କରିଥିଲେ ଯାହାକି ସେପ୍ଟେମ୍ବର 14ରୁ ଆରମ୍ଭ ହୋଇ ଗୋଟିଏ ଦିନ ବିରତି ବିନା ସେପ୍ଟେମ୍ବର 23, 2020ରେ ଶେଷ ହୋଇଥିଲା । ଦେଶ କୋଭିଡ-19 ମହାମାରୀର ମୁକାବିଲା କରିବା ସତ୍ତ୍ୱେ ଏହି ଅଧିବେଶନ ବିଶେଷ ଫଳପ୍ରଦ ହୋଇଥିଲା । ଏହି ଅଧିବେଶନ ସମୟରେ ସଂସଦରେ 27 ବିଲ ଅନୁମୋଦନ ଲାଭ କରିଥିଲା ଯାହାକି ଦୈନିକ ଅନୁମୋଦିତ ବିଲ ହାରକୁ 2.7ରେ ପହଞ୍ଚାଇଥିଲା । ଚାଷୀ, ଶ୍ରମିକ, ଶିକ୍ଷା, ସ୍ୱାସ୍ଥ୍ୟ ସହ ଜଡ଼ିତ ବିଲ ସରକାର ପାସ୍ କରାଇବା ସହିତ ଆତ୍ମନିର୍ଭର ଭାରତ ଅଭିଯାନକୁ ସୁଦୃଢ଼ କରୁଥିବା ଆହୁରି କେତେକ ବିଲ ମଧ ସଂସଦର ଅନୁମୋଦନ ଲାଭ କରିଥିଲା । କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ କହିଛନ୍ତି ଯେ ସମ୍ବିଧାନର ଧାରା 85ର ସାମ୍ବିଧାନିକ ଆବଶ୍ୟକତାକୁ ପୂରଣ କରିବା ଏବଂ ଜରୁରି ବୈଧାନିକ ଏବଂ ଅନ୍ୟାନ୍ୟ କାରବାର ନିମନ୍ତେ ଏହି ଅଧିବେଶନ କରୋନା ଭୂତାଣୁ ମହାମାରୀ ପରିସ୍ଥିତିରେ ଆୟୋଜନ କରାଯାଇଥିଲା । ଏଥିପାଇଁ ବସିବା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ବ୍ୟବସ୍ଥାରେ ଅଭୂତପୂର୍ବ ଢଙ୍ଗରେ ପରିବର୍ତ୍ତନ ଆଣିବାକୁ ପଡ଼ିଥିଲା । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ଗୃହ ମନ୍ତ୍ରଣାଳୟର ସମସ୍ତ ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ପାଳନ କରାଯାଇଥିଲା ।





## ମୌସୁମୀ ଅଧିବେଶନ ଉପରେ ଏକ ଦୃଷ୍ଟିପାତ :

- ସେପ୍ଟେମ୍ବର 14ରୁ ସେପ୍ଟେମ୍ବର 23, 2020 ମଧରେ, 10 ଦିନ ମଧରେ 10ଟି କାର୍ଯ୍ୟଦିବସ ଅନୁଷ୍ଠିତ ।
- ଲୋକସଭାର କାର୍ଯ୍ୟ ପ୍ରଦର୍ଶନ 167 ପ୍ରତିଶତ ଏବଂ ରାଜ୍ୟସଭାର 100.47 ପ୍ରତିଶତ ରହିଛି ।
- ଏହି ଅଧିବେଶନ କାଳରେ 22ଟି ବିଲ (16ଟି ଲୋକସଭାରେ ଏବଂ 6ଟି ରାଜ୍ୟସଭାରେ) ଉପସ୍ଥାପନ କରାଯାଇଛି ।
- ସଂସଦର ଉଭୟ ସଦନ 27 ବିଲ ପାସ୍ କରିଛନ୍ତି, ଯାହାକି ଦୈନିକ ବିଲ୍ ପାସ ହାର 2.7 ସହିତ ସର୍ବାଧିକ ହେବାର ରେକର୍ଡ ହାସଲ କରିଛି ।
- 11ଟି ଅଧାଦେଶ ସଂସଦର ଅନୁମୋଦନକ୍ରମେ ଆଇନରେ ପରିଣତ ହୋଇଛି ।



# ଉଡ଼େ ଦେଶ୍ କା ଆମ୍ ନାଗରିକ ସ୍ୱପ୍ନ ଦେଖିବାର ଦୁଃସାହସ !

ଉଡାନ୍ ଯୋଜନା ଦେଶର ଛୋଟ ଓ ମଧ୍ୟମ ଧରଣର ସହରଗୁଡ଼ିକୁ ବେସାମରିକ ବିମାନ ଚଳାଚଳ ଦୃଶ୍ୟପଟ୍ଟରେ ସାମିଲ କରିବାରେ ସହାୟକ ହୋଇପାରିଛି ଏବଂ ଏହି କ୍ଷେତ୍ରୀୟ ସଂଯୋଗ ଯୋଜନା ମାଧ୍ୟମରେ ପ୍ରାୟ ୪୫ ଲକ୍ଷ ସାଧାରଣ ନାଗରିକ ସହଜ ଓ ସୁଲଭ ମୂଲ୍ୟରେ ବିମାନ ଯାତ୍ରା କରିପାରୁଛନ୍ତି ।



ଦେଶର ସାଧାରଣ ଜନତାଙ୍କ ପାଇଁ ଏକ ସ୍ୱପ୍ନ ସାକାର ହୋଇପାରିଛି ଯେଉଁମାନେ ସଡ଼କରେ ଆତଯାତ ହେଉଥିବାବେଳେ ମୁଣ୍ଡ ଉପରେ ନୀଳ ଆକାଶରେ ଉଡ଼ିଯାଉଥିବା ଉଡ଼ାଜାହାଜଟିକୁ କେବଳ ଭୂଇଁରୁ ହିଁ ଲକ୍ଷ୍ୟ କରୁଥିଲେ । କିମ୍ବା, ରାତିରେ ସୁଦ୍ଧା ଯେତେବେଳେ ବିମାନଚାଳକମାନେ ଏହି ମାନବନିର୍ମିତ ବାୟୁଯାନକୁ ଅବତରଣ ପୂର୍ବରୁ ଏହାର ପଛପଟେ ଲାଗିଥିବା ଲାଇଟର ଚକମକ ଆଲୋକ ଜାଳୁଥିଲେ ଏହି ଲୋକମାନେ ସେହି ଆଲୋକକୁ ଦେଖି ମନେ ମନେ ଖୁସି ହେଉଥିଲେ ।

ଅଧିକାଂଶ ଭାରତୀୟଙ୍କ ସକାଶେ ଅନେକ ଦିନୁ ବିମାନ ଯାତ୍ରା ଏକ କଳ୍ପନାରେ ହିଁ ରହିଆସିଥିଲା କାରଣ ସେମାନେ ଅଦ୍ୟାବଧି ଉଡ଼ାଜାହାଜ ପାହାଚ ଚଢ଼ିବାର ସୁଯୋଗ ପାଇ ପାରିନଥିଲେ । ଏବେ ସ୍ୱଳ୍ପ ମୂଲ୍ୟରେ ବିମାନଯାତ୍ରା ଯୋଜନା ଆରମ୍ଭ ହେବା ପରେ ଅଧିକାଂଶ ଚାକିରିଆ ବର୍ଗର ଲୋକ, ଏପରିକି ମଧ୍ୟମ ଧରଣର କମ୍ପାନୀରେ କାର୍ଯ୍ୟରତ ଅଧିକାରୀମାନେ ବିମାନ ଯାତ୍ରା କରିବାକୁ ସାହସ କରିପାରୁଛନ୍ତି ।

ଏପର୍ଯ୍ୟନ୍ତ ଯେତେବେଳେ ବିମାନ ଯାତ୍ରା କରୁଥିବା ସମ୍ଭ୍ରାନ୍ତ ବର୍ଗର ଲୋକେ ବିମାନ ବନ୍ଦରରେ ଆସି ପହଞ୍ଚୁଥିଲେ ସେମାନଙ୍କ ବେକରେ ଫୁଲମାଳ ପକାଇ ସ୍ୱାଗତ କରାଯିବାର ଦୃଶ୍ୟ ଗତ କିଛି ବର୍ଷ ପର୍ଯ୍ୟନ୍ତ ଏକ ସ୍ୱାଭାବିକ ଧାରା ହୋଇ ରହି ଆସିଥିଲା ।

ଏବେ ସାଧାରଣ ଜନତା, ସମାଜର ମଧ୍ୟମ ବର୍ଗଙ୍କ ପାଳି ଆସିଛି ଓ ସେମାନେ ଅତି ସହଜରେ ବିମାନ ଯାତ୍ରା କରିବାକୁ ସକ୍ଷମ ହୋଇଛନ୍ତି । ସୌଖିନ ଭ୍ରମଣ ପାଇଁ ହେଉ କିମ୍ବା କୌଣସି କାର୍ଯ୍ୟ ଲାଗି ହୋଇଥାଉ ଅଥବା ଛୋଟମୋଟ ବ୍ୟବସାୟିକ କାର୍ଯ୍ୟ ବା ଦୂର ଦୂରାନ୍ତରେ ରହୁଥିବା ନିଜର ଆତ୍ମୀୟସ୍ୱଜନଙ୍କୁ ଭେଟିବାକୁ ହେଉ ସେମାନେ ବିମାନ ଯାତ୍ରା କରିବାକୁ ସହଜ ମଣୁଛନ୍ତି। ଏହି ସାଧାରଣ ଜନତାଙ୍କ ପାଇଁ ବିଗତ ତିନିବର୍ଷ ବାସ୍ତବିକ ଏକ ଉଲ୍ଲେଖନୀୟ ପ୍ରଗତିର ବର୍ଷ ବୋଲି ବିବେଚନା କରାଯାଇପାରେ । କାରଣ କେନ୍ଦ୍ର ସରକାର "ଉଡାନ" ଯୋଜନାର ଶୁଭାରମ୍ଭ କରିବା ପରେ ଏଥିପାଇଁ ପ୍ରଚଳିତ ଥିବା ଏକ ଆପ୍ତବାକ୍ୟ "ଉଡ଼େ ଦେଶ୍ କା ଆମ୍ ନାଗରିକ" ( ଦେଶର ସାଧାରଣ ଜନତା ଜାହାଜରେ ଉଡ଼ନ୍ତୁ) ବାସ୍ତବତାରେ ପରିଣତ ହୋଇଛି ।

2017 ମସିହାରେ "ଉଡାନ୍" ଯୋଜନାରେ ପକ୍ଷ ଲାଗିଥିଲା, ଯାହା ଫଳରେ ହୱାଇ ଚପଲ ପିନ୍ଧୁଥିବା ସାଧାରଣ ଲୋକ ମଧ୍ୟ "ହୱାଇ ଜାହାଜ"ରେ ବସି ବିମାନ ଯାତ୍ରା କରିବାକୁ ସକ୍ଷମ ହୋଇପାରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ପରିକଳ୍ପନା ବାସ୍ତବରେ ସାକାର ହୋଇପାରିଛି ।

**ସମୟ ଓ ଅର୍ଥ ସଞ୍ଚୟ**

ଏବେ କେବଳ 2500 ଟଙ୍କା ଖର୍ଚ୍ଚ କରି ସାଧାରଣ ନାଗରିକମାନେ ମାତ୍ର ଗୋଟିଏ ଘଣ୍ଟାରେ 500 କିଲୋମିଟର ପର୍ଯ୍ୟନ୍ତ ବିମାନ ଯାତ୍ରା କରି ପାରୁଛନ୍ତି । କିମ୍ବା ସେହି ମୂଲ୍ୟରେ ସେମାନେ 30 ମିନିଟ ପର୍ଯ୍ୟନ୍ତ ହେଲିକପ୍ଟରରେ ମଧ୍ୟ ଉଡ଼ି ପାରୁଛନ୍ତି ।

ଭାରତୀୟ ନାଗରିକମାନେ ସମ୍ଭବତଃ "ଉଡାନ" ଯୋଜନାକୁ ଅତି ମାତ୍ରାରେ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ଏବଂ 2016 ମସିହା ଅକ୍ଟୋବର ମାସରେ ଏହି ଯୋଜନା ଆରମ୍ଭ ହେବା ଦିନଠାରୁ ସେମାନେ ଏହାର ଭରପୂର ଫାଇଦା ଉଠାଇ ବିମାନ ଯାତ୍ରାର ଆନନ୍ଦ ଉପଭୋଗ କରିଛନ୍ତି । ଏବେ ସୁଦ୍ଧା "ଉଡାନ" ଯୋଜନାରେ ପ୍ରାୟ 48 ଲକ୍ଷ ଲୋକ ବିମାନଯାତ୍ରାର ସୁଯୋଗ ଲାଭ କରିଥିବା ଜଣାପଡ଼ିଛି। ଅର୍ଦ୍ଧସହରାଞ୍ଚଳ ଓ ନିପଟ ଗ୍ରାମାଞ୍ଚଳରେ ବିମାନ ବନ୍ଦରର ଭିତ୍ତିଭୂମି ଉପଲବ୍ଧ ହେବା ଦ୍ୱାରା କେବଳ ଗ୍ରାମାଞ୍ଚଳର ଲୋକେ ବିମାନରେ ଉଡ଼ିବାକୁ ସକ୍ଷମ ହୋଇନାହାନ୍ତି ଅପରନ୍ତୁ ସହରାଞ୍ଚଳ ଲୋକମାନେ ମଧ୍ୟ ଗ୍ରାମାଞ୍ଚଳ ଅଭିମୁଖୀ ହୋଇଛନ୍ତି ।

ଚିନ୍ତା କରି ଦେଖନ୍ତୁ: ଦେଶ ସ୍ୱାଧୀନ ହେବା ଦିନଠାରୁ 2016 ମସିହା ପର୍ଯ୍ୟନ୍ତ ଭାରତରେ ମାତ୍ର 70ଟି ବିମାନ ବନ୍ଦର ଥିଲା ଯେଉଁଠାରୁ ସମୟ ନିର୍ଘଣ୍ଟ ଅନୁସାରେ ଯାତ୍ରା ଓ ମାଲ ପରିବହନ କରାଯାଉଥିଲା। କିନ୍ତୁ "ଉଡାନ" ଯୋଜନା କାର୍ଯ୍ୟକାରୀ ହେବା ଦିନଠାରୁ ଅଦ୍ୟାବଧି ଏହି ସଂଖ୍ୟାରେ ଆଉ 50ଟି ଅଧିକ ବିମାନ ବନ୍ଦର ଯୋଡ଼ି ହୋଇଛି ଏବଂ ସେହି ତାଲିକାରେ ପାଞ୍ଚଟି ହେଲିପୋର୍ଟ ମଧ୍ୟ ସାମିଲ ହୋଇଛି ଏବଂ ଦେଶର 281ଟି ବିମାନ ପଥରେ ଏବେ ଉଡ଼ାଜାହାଜ ଓ ହେଲିକପ୍ଟର ଯାତାୟାତ କରୁଛି । କେବଳ "ଉଡ଼ାନ" ଯୋଜନା ଅଧୀନରେ ଅନ୍ୟୁନ 766ଟି ବିମାନ ପଥରେ ଉଡ଼ାଜାହାଜ ଚଳାଚଳ ପାଇଁ ବିମାନସେବା କମ୍ପାନୀମାନଙ୍କୁ ଅନୁମତି ପ୍ରଦାନ କରାଯାଇଛି ।

**ଏୟାର ଇଣ୍ଡିଆ**



ଏହା ବର୍ଷକୁ ଦେଶର ପ୍ରାୟ 10 କୋଟି ସାଧାରଣ ଜନତାଙ୍କୁ ବିମାନ ଉଡ଼ାଣ ସୁଯୋଗ ପ୍ରଦାନ କରିବ । ଆହୁରି ଅଧିକ ସୁଯୋଗ ଆଗକୁ ଆସିବାର ଅଛି । 2026-27 ମସିହା ବେଳକୁ ଦେଶରେ ଆଉ 100ଟି ନୂଆ ବିମାନ ବନ୍ଦର- ନୂଆ କିମ୍ବା ଅବ୍ୟବହୃତ ଭାବେ ପଡ଼ିରହିଥିବା ପୁରୁଣା ବିମାନ ବନ୍ଦର ଭାରତର ବିମାନ ଚଳାଚଳ ମାନଚିତ୍ରରେ ସେବାରତ ବିମାନ ବନ୍ଦର ଓ ଅଧିକ ସେବା ଯୋଗାଣକାରୀ ବିମାନ ଲାଇନମାନ ସାମିଲ ହୋଇସାରିଥିବେ ।

ଏହି ବୈପ୍ଳବିକ "ଉଡାନ" ଯୋଜନାର ସଫଳତା ପଛରେ ଥିବା ରହସ୍ୟଟି ହେଲା ସାଧାରଣ ଜନତା ବିମାନ ଟିକେଟ କ୍ରୟକ୍ଷମ ହୋଇପାରିବା । ଏବେ ସାଧାରଣ ଟ୍ୟାକ୍ସି ମୂଲ୍ୟରେ ସୁଦ୍ଧା ବିମାନ ଟିକେଟ ଖର୍ଚ୍ଚ କରାଯାଇପାରୁଛି। ଯଦ୍ୟପି ଟ୍ୟାକ୍ସି ଭଡ଼ା ପାଇଁ କିଲୋମିଟର ପିଛା ପ୍ରାୟ 8-10 ଟଙ୍କା ଦେବାକୁ ପଡ଼ୁଥିବାବେଳେ ବିମାନଯାତ୍ରୀମାନଙ୍କୁ ଉଡ଼ାନ ଯୋଜନାରେ କିଲୋମିଟର ପିଛି ମାତ୍ର 5 ଟଙ୍କା ହିଁ ଦେବାକୁ ପଡ଼ୁଛି ।

"ଉଡାନ" ଯୋଜନା ମଧ୍ୟ ଅନ୍ୟ ଭାବେ ଏକ ବୈପ୍ଳବିକ ତରଙ୍ଗ ସୃଷ୍ଟି କରିଛି । ବିମାନ ଯାତ୍ରା କରିବାକୁ କେବଳ ଦେଶର ସ୍ୱଳ୍ପ ସଂଖ୍ୟକ ସମ୍ଭ୍ରାନ୍ତ ବର୍ଗ ସକ୍ଷମ ବୋଲି ଦୀର୍ଘ ଦିନରୁ ଯେଉଁ ଧାରଣାଟି ବଦ୍ଧମୂଳ ହୋଇ ରହି ଆସିଥିଲା ଏହି ଯୋଜନା ତାହାକୁ ସବୁଦିନ ପାଇଁ ଭାଙ୍ଗି ଦେଇଛି ।

ଏହା କାହାକୁ ଅଛପା ନାହିଁ ଯେ ସ୍ୱୟଂ ପ୍ରଧାନମନ୍ତ୍ରୀ ସଦାସର୍ବଦା ଏହା ସ୍ୱପ୍ନ ଦେଖି ଆସିଥିଲେ ଯେ ଦେଶର ସାଧାରଣ ଲୋକ କିଭଳି ସହଜ ଓ ସୁଲଭ ମୂଲ୍ୟରେ ବିମାନ ଯାତ୍ରା କରିପାରିବେ । ଏପରିକି ଜଣେ ଦଳୀୟ କର୍ମକର୍ତ୍ତା ଭାବେ ଅଟଳ ବିହାରୀ ବାଜପେୟୀ ନେତୃତ୍ୱାଧୀନ ସରକାରଙ୍କ ତତ୍କାଳୀନ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାଜୀବ ପ୍ରତାପ ରୁଡ଼ିଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଥିଲେ ଯେ ଏୟାର ଇଣ୍ଡିଆ ଲୋଗୋକୁ କ'ଣ ଏହାର ବର୍ତ୍ତମାନର ଚିତ୍ର ପରିବର୍ତ୍ତେ ପ୍ରସିଦ୍ଧ କାର୍ଟୁନିଷ୍ଟ ଆର କେ ଲକ୍ଷ୍ମଣଙ୍କ ଦ୍ୱାରା ଅଙ୍କିତ 'କମନ୍ ମ୍ୟାନ'ର ଚିତ୍ରକୁ ବଦଳାଯାଇ ପାରିବନାହିଁ? ପରବର୍ତ୍ତୀ ସମୟରେ କ'ଣ ଘଟିଲା ତାହା ଯେକୌଣସି ବ୍ୟକ୍ତି ଅନୁମାନ କରିପାରିବେ ଯେ ଏୟାର ଇଣ୍ଡିଆ ନିଜକୁ ରିବ୍ରାଣ୍ଡିଂ କରିଥିଲା ଏବଂ ନିଜକୁ ସାଧାରଣ ଲୋକଙ୍କ ନିକଟତର କରିଥିଲା ଯେଉଁମାନେ କି ଲକ୍ଷ୍ମଣଙ୍କ କାର୍ଟୁନର ବାସ୍ତବିକ ସାଧାରଣ ଜନତା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ରରେ ସରକାର ଗଠିତ ହେବାର ଦୁଇ ବର୍ଷ ପରେ କେନ୍ଦ୍ର ସରକାର ଏହି ପରିପ୍ରେକ୍ଷୀରେ 2016 ମସିହାରେ ଏକ ନୂତନ ବେସାମରିକ ବିମାନ ଚଳାଚଳ ନୀତି ଘୋଷଣା କରିଥିଲେ । ଏଥିରେ ପ୍ରଥମେ କ୍ଷେତ୍ରୀୟ ବିମାନ ସଂଯୋଗ କଥା କୁହାଯାଇଥିଲା ଏବଂ ସାଧାରଣ ଜନତାଙ୍କ ପାଖରେ କିଭଳି ବିମାନ ଯାତ୍ରା ପହଞ୍ଚାଯାଇ ପାରିବ ତାହା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। କ୍ଷେତ୍ରୀୟ ସଂଯୋଗୀକରଣ ଯୋଜନା (ଆରସିଏସ)- "ଉଡ଼ାନ" ଅଧୀନରେ 2017 ମସିହା ଏପ୍ରିଲ ମାସରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସ୍ୱୟଂ ସିମଳା ଓ ନୂଆଦିଲ୍ଲୀ ମଧ୍ୟରେ ପ୍ରଥମ ବିମାନ ଚଳାଚଳ କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

## ବିବିଧ ସୁବିଧା

**ଏବେ କେବଳ ଭାରତର ସାଧାରଣ ଜନତା ପୂର୍ବାପେକ୍ଷା ଅଧିକ ସଂଖ୍ୟାରେ ବିମାନ ଯାତ୍ରା କରିପାରୁନାହାନ୍ତି, ଅପରନ୍ତୁ "ଉଡ଼ାନ" ଯୋଜନାର ବିବିଧ ଉପକାରିତା ଯୋଗୁ ଏହା ପର୍ଯ୍ୟଟନକୁ ପ୍ରୋତ୍ସାହନ ଯୋଗାଇବା ସହ ନୂତନ ଶକ୍ତି ଓ ଉତ୍ସାହରେ ଭରପୂର ଥିବା ଆମର ଯୁବ ବର୍ଗଙ୍କ ପାଇଁ ନିଯୁକ୍ତିର ନୂଆ ନୂଆ ସୁଯୋଗମାନ ସୃଷ୍ଟି କରୁଛି ।**



**ନିଯୁକ୍ତି:** ଏହା ଏକ ଚିରାଚରିତ ନିୟମ ଭାବେ ସର୍ବଜନବିଦିତ ଯେ ଗୋଟିଏ ବିମାନ ଉଡ଼ାଣ ଦ୍ୱାରା ଏୟାରଲାଇନ, ବିମାନ ବନ୍ଦର, ରକ୍ଷଣାବେକ୍ଷଣ, ଏୟାର ଟ୍ରାଫିକ୍ ପରିଚାଳନା ଓ ବିମାନଯାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ସେବା ଯଥା ସେମାନଙ୍କର ବ୍ୟାଗେଜ୍ ହ୍ୟାଣ୍ଡଲିଂ କିମ୍ବା ଗ୍ରାଉଣ୍ଡ ଅପରେସନ ଆଦି ମାଧ୍ୟମରେ ଅନ୍ୟୁନ 1000 ଜଣ ଯୁବକଙ୍କ ପାଇଁ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିଥାଏ । "ଉଡ଼ାନ" ଅଧୀନରେ ସର୍ବାଧିକ ଫାଇଦା ହାସଲ ନିମନ୍ତେ, ପର୍ଯ୍ୟଟନର ବିକାଶ ସକାଶେ 46ଟି ବିମାନ ମାର୍ଗକୁ ଚିହ୍ନଟ କରାଯାଇଛି । ସେଥି ମଧ୍ୟରୁ 23ଟି ବିମାନ ପଥରେ ଆଇକନିକ୍ ପର୍ଯ୍ୟଟନ ସ୍ଥଳୀକୁ ସଂଯୋଗ କରାଯାଇ ସେସବୁକୁ କାର୍ଯ୍ୟକ୍ଷମ କରାଯାଇଛି ଯେଉଁଥିରେ 'ପଏଣ୍ଟ ଟୁ ପଏଣ୍ଟ' ସଂଯୋଗୀକରଣ ବ୍ୟବସ୍ଥା ରହିଛି ।

**ପର୍ଯ୍ୟଟନ:** ବୁଦ୍ଧିଷ୍ଟ ସର୍କିଟକୁ ନେଇ ଦେଶରେ ଥିବା ପର୍ଯ୍ୟଟନ ହଟସ୍ପଟ୍ ଯଥା, ଆଗ୍ରା, ଜୟପୁର, ଉଦୟପୁର, ବାରାଣସୀ, ରାଜମହେନ୍ଦ୍ରୀ, ଗୋଆ, ବିଦ୍ୟାନଗର, ଗଉଚାର ଇତ୍ୟାଦି ସ୍ଥାନମାନଙ୍କୁ ବିମାନ ଯାତ୍ରା ମାଧ୍ୟମରେ ସଂଯୋଗ କରାଯାଇଛି । ଉତ୍ତର- ପୂର୍ବାଞ୍ଚଳରେ ଥିବା ପର୍ଯ୍ୟଟନ ସ୍ଥଳୀମାନଙ୍କ ପର୍ଯ୍ୟନ୍ତ ପହଞ୍ଚ ଓ ସଂଯୋଗକୁ ଅଗରତାଲା- ଆଇଜଲ, ସିଲଂ- କୋଲକାତା, ଗୁଆହାଟୀ- ପାକିଅଙ୍ଗ, ଦିମାପୁର- ଇମ୍ଫାଲ ଭଳି ସ୍ଥାନମାନଙ୍କ ମଧ୍ୟରେ ବିମାନ ଯାତ୍ରାର ସଂଯୋଗ ସ୍ଥାପନ କରାଯାଇ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି । ସେହିଭଳି ଅହମ୍ମଦାବାଦର ନଦୀକୂଳରେ ଅବସ୍ଥିତ ସାବରମତୀ, ଉତ୍ତରାଖଣ୍ଡର ଟେହରୀ ନଦୀବନ୍ଧ ଓ ତେଲଙ୍ଗାନାର ନାଗାର୍ଜୁନ ସାଗର ଆଦି ସ୍ଥାନମାନଙ୍କରେ ବିମାନ ବନ୍ଦରର ବିକାଶ ସକାଶେ ଖୁବ୍ ଜୋରସୋର ଭାବେ କାର୍ଯ୍ୟ ଚାଲୁରହିଛି । ଚଳିତ ମାସ ଶେଷ ସୁଦ୍ଧା ସି ପ୍ଲେନ୍ ମାଧ୍ୟମରେ ଉଡାଣ ଜରିଆରେ ସର୍ଦ୍ଦାର ସରୋବର ନଦୀବନ୍ଧ ନିକଟରେ ନିର୍ମିତ ପ୍ରସିଦ୍ଧ ଷ୍ଟାଚ୍ୟୁ ଅଫ୍ ୟୁନିଟିକୁ ପରିଦର୍ଶନ କରିବା ନିମନ୍ତେ ସକଳ ପ୍ରକାର କାର୍ଯ୍ୟ ଶେଷ ହେବ ।

**ଅର୍ଥନୀତି:** ଭାରତର ଅଧିକରୁ ଅଧିକ ସ୍ଥାନ ସହ ବିମାନ ସଂଯୋଗର ସଂପ୍ରସାରଣ ଘଟିବା ଦ୍ୱାରା ଉଭୟ ବୈଦେଶିକ ତଥା ଘରୋଇ ବ୍ୟବସାୟର ସଂପ୍ରସାରଣ ବ୍ୟତୀତ ଏହା ମାନବ ସମ୍ବଳର ଉପଯୋଗରେ ମଧ୍ୟ ବୃଦ୍ଧି ଘଟାଇବ । ନିକଟରେ ଅନ୍ତରାଷ୍ଟ୍ରୀୟ ବେସାମରିକ ବିମାନ ଚଳାଚଳ ସଂଗଠନ (ଆଇସିଏଓ) ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ବିମାନ ସଂଯୋଗ ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧିର ମାତ୍ରା 3.1 ଗୁଣ ବୃଦ୍ଧି ପାଇଥାଏ ଏବଂ ନିଯୁକ୍ତି ସୁଯୋଗର ପ୍ରାୟ ଛଅ ଗୁଣ ବୃଦ୍ଧି ଘଟିଥାଏ । ଉଦାହରଣ ସ୍ୱରୂପ, ଦିଲ୍ଲୀ, ଅହମ୍ମଦାବାଦ, ଇନ୍ଦୋର ଓ ହାଇଦ୍ରାବାଦ ସହିତ କିଶନଗଡ଼ ବିମାନ ବନ୍ଦରର ସଂଯୋଗୀକରଣ ମାର୍ବଲ ବିପଣନ ଶିଳ୍ପ ପାଇଁ ଅତି ମାତ୍ରାରେ ଉପକାରସିଦ୍ଧ ବୋଲି ପ୍ରମାଣିତ ହୋଇଛି। ଫଳ ସ୍ୱରୂପ, ବିଗତ କିଛି ବର୍ଷ ମଧ୍ୟରେ ଏହି କ୍ଷେତ୍ରର ମାର୍ବଲ ବ୍ୟବସାୟୀମାନଙ୍କ ବ୍ୟବସାୟିକ ରାଜସ୍ୱରେ ତିନିଗୁଣ ବୃଦ୍ଧି ପରିଲକ୍ଷିତ ହୋଇଛି ।

# ସଫଳତାର ଯାତ୍ରା

## ସ୍ୱପ୍ନର ଅଗ୍ରଯାତ୍ରା

- ଏହି ଯୋଜନା ଅଧୀନରେ, ଚାରି ରାଉଣ୍ଡ- ଉଡାନ- 1, ଉଡାନ- 2, ଉଡାନ- 3, ଉଡାନ- 4- କୁ ସରକାର ମଞ୍ଜୁରି ପ୍ରଦାନ କରିସାରିଛନ୍ତି । ଏହି ଯୋଜନା ମାଧ୍ୟମରେ ଦେଶରେ 70ଟି ବିମାନ ବନ୍ଦରକୁ ଚୟନ କରାଯାଇସାରିଛି। ବର୍ତ୍ତମାନ ସୁଦ୍ଧା, 50ଟି ବିମାନ ବନ୍ଦର ଯେଉଁଥିରେ 5ଟି ହେଲିପୋର୍ଟ ସାମିଲ ସେଗୁଡ଼ିକ 281ଟି ମାର୍ଗରେ ଚଳାଚଳ କରୁଛନ୍ତି।
- ପ୍ରଥମ ତିନି ପର୍ଯ୍ୟାୟରେ, 688ଟି ରୁଟକୁ ଚୟନ କରାଯାଥିଲା । ସେଥି ମଧ୍ୟରୁ ଛପନଟି ବିମାନ ପଥ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଇଛି, ଦ୍ୱିତୀୟ ପର୍ଯ୍ୟାୟରେ 118ଟି ପଥ ଓ ତୃତୀୟ ପର୍ଯ୍ୟାୟରେ 100ଟି ପଥକୁ କାର୍ଯ୍ୟକାରୀ କରାଯାଇଛି। ଏପର୍ଯ୍ୟନ୍ତ ସରକାର ଏହିଭଳି 766ଟି ବିମାନ ଚଳାଚଳ ପଥକୁ ମଞ୍ଜୁରି ପ୍ରଦାନ କରିସାରିଛନ୍ତି ।
- କରୋନା ମହାମାରୀ ମଧ୍ୟରେ, 78ଟି ନୂତନ ପଥକୁ ମଧ୍ୟ ସରକାର ମଞ୍ଜୁରି ପ୍ରଦାନ କରିଛନ୍ତି ଯାହାକି "ଉଡାନ" ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ସାମିଲ। ଏହି ପର୍ଯ୍ୟାୟରେ ଦେଶର ଉତ୍ତର- ପୂର୍ବାଞ୍ଚଳ କ୍ଷେତ୍ର ଓ ଦ୍ୱୀପମାନଙ୍କ ଉପରେ ପ୍ରାଧାନ୍ୟ ଆରୋପ କରାଯାଇଛି।
- ଅଣତିରିଶଟି ସେବାଯୁକ୍ତ, 08ଟି ଅଣସେବାଯୁକ୍ତ (ସେଥିରେ 02ଟି ହେଲିପୋର୍ଟ ଓ 01ଟି ଜଳ ଏରୋଡ୍ରୋମ୍ ସାମିଲ) ଏବଂ 02ଟି ସ୍ୱଳ୍ପସେବାଯୁକ୍ତ ବିମାନ ବନ୍ଦରକୁ ଏହି ସ୍ୱୀକୃତିପ୍ରାପ୍ତ ବିମାନପଥ ତାଲିକାରେ ସାମିଲ କରାଯାଇଛି । "ଉଡାନ- 4" ଅଧୀନରେ ହେଲିକପ୍ଟର ଏବଂ ସି'ପ୍ଲେନଗୁଡିକର ଚଳାଚଳକୁ ମଧ୍ୟ ଏହି ଯୋଜନାରେ ସାମିଲ କରାଯାଇଛି ।

## ଆଗାମୀ ଲକ୍ଷ୍ୟ

- ଏପର୍ଯ୍ୟନ୍ତ ଏହି ଯୋଜନାରୁ 48 ଲକ୍ଷ ଲୋକ ଉପକୃତ ହୋଇ ପାରିଛନ୍ତି । ଏହା ଫଳରେ ଘରୋଇ ଯାତ୍ରୀଙ୍କ ମାତ୍ରା ଅଣ-ମେଟ୍ରୋ ବିମାନ ବନ୍ଦରରେ 5% ପଏଣ୍ଟ ବୃଦ୍ଧି ପାଇଥିବା ଜଣାପଡ଼ିଛି ।
- ଏହି ଯୋଜନାରେ ଲକ୍ଷ୍ୟ ହେଲା 1000ଟି ଉଡାନ ମାର୍ଗକୁ ମଞ୍ଜୁରି ପ୍ରଦାନ ଓ କାର୍ଯ୍ୟକ୍ଷମ କରିବା ଏବଂ 100ଟି ବିମାନ ବନ୍ଦରକୁ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ପୁନଃକାର୍ଯ୍ୟକ୍ଷମ କରିବା । ସେଥି ମଧ୍ୟରେ 30ଟି ହେଲିପୋର୍ଟ ଏବଂ ସି'ପ୍ଲେନମାନଙ୍କ ପାଇଁ 10ଟି ଜଳ ଏରୋଡ୍ରୋମ ସାମିଲ ।
- ଏହି ଯୋଜନା ମାଧ୍ୟମରେ ପ୍ରତି ବର୍ଷ 10 କୋଟି ଲୋକଙ୍କ ପାଇଁ ରିହାତି ଦରରେ ଯାତ୍ରା ବ୍ୟବସ୍ଥା କରିବାର ଲକ୍ଷ୍ୟ ରଖାଯାଇଛି ।
- ଏହି ଯୋଜନା ଅଧୀନରେ ଦେଶର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ କ୍ଷେତ୍ରଙ୍କୁ ସଂଯୋଗ କରିବାର ଲକ୍ଷ୍ୟ ରଖାଯାଇଛି ।
- କୃଷି ଉତ୍ପାଦ ପରିବହନ ସକାଶେ "କୃଷି ଉଡାନ" ଯୋଜନାର ଶୁଭାରମ୍ଭ କରିବା
- ଏହି ଯୋଜନା ଅଧୀନରେ ଏବେ 650 ନୂତନ ସହର ଯୋଡ଼ାରୁ ଅଧିକଙ୍କୁ ସଂଯୋଗ କରାଯିବାକୁ ସ୍ଥିର କରାଯାଇଛି । ସେଥି ମଧ୍ୟରୁ ଦୁଇଶହକୁ ଇତି ମଧ୍ୟରେ ସଂଯୋଗ କରାଯାଇସାରିଛି ।
- ଦେଶର ପାଞ୍ଚଗୋଟି ଭୌଗୋଳିକ କ୍ଷେତ୍ର- ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ ଏବଂ ଉତ୍ତର ପୂର୍ବାଞ୍ଚଳକୁ ସନ୍ତୁଳିତ ଭାବେ ସଂଯୋଗ କରାଯିବାର ଲକ୍ଷ୍ୟ ରଖାଯାଇଛି ।







"ସ୍ୱାଧୀନତା ପ୍ରାପ୍ତି ଠାରୁ **2016** ମସିହା ପର୍ଯ୍ୟନ୍ତ ବିଗତ **67** ବର୍ଷ ମଧ୍ୟରେ ଭାରତରେ କେବଳ **65**ଟି ବିମାନବନ୍ଦର କାର୍ଯ୍ୟକ୍ଷମ ଥିଲା ଯାହାକୁ ପ୍ରତିବର୍ଷ ଗୋଟିଏ ଲେଖାଏଁ ବିମାନ ବନ୍ଦରର ବିକାଶ ବୋଲି ଅନ୍ୟ ଭାଷାରେ କୁହାଯାଇପାରେ । ଏହା ଥିଲା ସେମାନଙ୍କର ବେଗ ଏବଂ ପରିକଳ୍ପନା । କିନ୍ତୁ ଗତ ଚାରିବର୍ଷ ଭିତରେ ଦେଶରେ **36**ଟି ନୂଆ ବିମାନ ବନ୍ଦର ନିର୍ମିତ ହୋଇପାରିଛି । ଅର୍ଥାତ୍, ପ୍ରତି ବର୍ଷ ନଅଟି ଲେଖାଏଁ ବିମାନ ବନ୍ଦର ନିର୍ମିତ ହୋଇଛି ଏବଂ ସେହିସବୁ ବିମାନ ବନ୍ଦରଗୁଡ଼ିକ ଏବେ ବିମାନ ଚଳାଚଳ ପାଇଁ ପ୍ରସ୍ତୁତ । ଏହାକୁ ପୂର୍ବାପେକ୍ଷା ନଅଗୁଣ ଅଧିକ ପ୍ରଗତି ବୋଲି କୁହାଯାଇପାରେ । ଏହି ଲକ୍ଷ୍ୟ ହାସଲ କରିବାକୁ ହୁଏତ ସେମାନଙ୍କୁ **40** ବର୍ଷ ନେବାକୁ ପଡ଼ିଥାନ୍ତା ।"

-ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ (ସିକିମର ପାକ୍ୟୋଙ୍ଗ ବିମାନ ବନ୍ଦରର ଶୁଭ ଉଦ୍ଘାଟନ ଅବସରରେ

## ଯୋଜନା ସଂପର୍କରେ କିଛି

ସମଗ୍ର ବିଶ୍ୱରେ ଭାରତ ହେଉଛି ତୃତୀୟ ବୃହତ୍ତମ ବିମାନ ଚଳାଚଳ ବଜାର ଯାହା ଟାୟାର-2 ଏବଂ ଟାୟାର-3 ସହରମାନଙ୍କୁ "ଉଡ଼ାନ" ମାଧ୍ୟମରେ ଅନ୍ୟ ମେଟ୍ରୋପୋଲିମାନଙ୍କ ସହ ସଂଯୋଗ କରିଥାଏ। ଏୟାରଲାଇନ୍ସମାନଙ୍କୁ ରାଜ୍ୟ ରାଜଧାନୀମାନଙ୍କ ଠାରୁ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଟାଉନମାନଙ୍କୁ କ୍ଷେତ୍ରୀୟ ବିମାନ ସଂଯୋଗୀକରଣ ଯୋଜନା ମାଧ୍ୟମରେ ଯିବା ସକାଶେ ପ୍ରୋତ୍ସାହିତ କରାଯାଇଥିଲା । ପ୍ରାରମ୍ଭିକ ଅବସ୍ଥାରେ ଏଭଳି ମଫସଲ ଅଞ୍ଚଳକୁ ବିମାନ ଯାତ୍ରା ବ୍ୟବସ୍ଥା କରିବା ନିମନ୍ତେ ଏୟାରଲାଇନ୍ସମାନଙ୍କୁ ଆର୍ଥିକ ଓ ମୌଦ୍ରିକ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା ।

## ଏୟାରଲାଇନ୍ସମାନଙ୍କୁ ସହାୟତା ବ୍ୟବସ୍ଥା

ଦେଶର ଯେକୌଣସି ମାର୍ଗରେ ଚଳାଚଳ କରୁଥିବା ଯେକୌଣସି ବିମାନ ସରବରାହ ସଂସ୍ଥାଙ୍କ ଚୟନ ପ୍ରତିଯୋଗିତାମୂଳକ ନିଲାମୀ ମାଧ୍ୟମରେ ହିଁ କରାଯାଇଛି । ସେଥିରେ ରଖାଯାଇଥିବା ଏକମାତ୍ର ସର୍ତ୍ତ ହେଲା ବିମାନରେ 50 ପ୍ରତିଶତ ସିଟକୁ ପୃଥକ୍ ରଖାଯିବ ଯେଉଁଥିରେ ଯାତ୍ରୀମାନେ ପ୍ରତି ଘଣ୍ଟାର ଯାତ୍ରା ସକାଶେ 2500 ଟଙ୍କା ଦେୟ ଦେଇ ଯାତ୍ରା କରିପାରିବେ । ଏଭଳି ଏୟାରଲାଇନ୍ସମାନେ ନଅ ଠାରୁ ନେଇ 40ଟି ସିଟ୍ ପର୍ଯ୍ୟନ୍ତ ସବସିଡ଼ି ପାଇବାକୁ ଯୋଗ୍ୟ ।

ଯେକୌଣସି ଏୟାରଲାଇନର ସର୍ବାଧିକ କେତେ ବିମାନ ଏଭଳି ସୁଲଭ ମୂଲ୍ୟରେ ଟିକେଟ ପ୍ରଦାନ କରିପାରିବ ତାହାର ସର୍ବାଧିକ ସୀମା (କ୍ୟାପ୍)ଧାର୍ଯ୍ୟ କରାଯାଇଥିବାରୁ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଏଥିରେ ସମ୍ଭାବ୍ୟ ବୈଷମ୍ୟ ପାଣ୍ଠି (ଭିଜିଏଫ) ଯୋଗାଇ ଦେଇଛନ୍ତି ଯଦ୍ୱାରା ସେହିସବୁ ଆଞ୍ଚଳିକ ମାର୍ଗରେ ବ୍ୟବସାୟିକ ଭିତ୍ତିରେ ବିମାନ ଚଳାଚଳ ସୁନିଶ୍ଚିତ ହୋଇପାରିଛି ।

ସେହିଭଳି ଇନ୍ଧନ ମୂଲ୍ୟ ଓ ଅବ୍ୟବହୃତ ଭାବେ ପଡ଼ି ରହିଥିବା ବିମାନ ବନ୍ଦରଗୁଡ଼ିକର ଭିତ୍ତିଭୂମି ବିକାଶ କେବଳ ବିଶାଳ ଏୟାର ଲାଇନ କମ୍ପାନୀମାନଙ୍କୁ ସେମାନଙ୍କର ବିମାନ ଚଳାଚଳକୁ ପର୍ଯ୍ୟାପ୍ତ ମାତ୍ରାରେ ପ୍ରୋତ୍ସାହନ ଯୋଗାଇନାହିଁ ଅପରନ୍ତୁ ଆଞ୍ଚଳିକ ଷ୍ଟାର୍ଟ- ଅପ୍ ଏୟାର ଲାଇନ୍ସରେ ମଧ୍ୟ ଅଂଶ ଗ୍ରହଣ କରିବା ନିମନ୍ତେ ଉତ୍ସାହିତ କରିଛି।

ବିମାନ ଚଳାଚଳ ଟର୍ବାଇନ୍ ଇନ୍ଧନ ଉପରେ ବହିଶୁଳ୍କ ହ୍ରାସ ଏବଂ ସେବା କର ରିହାତି ଯୋଗୁ ଏୟାରଲାଇନ୍ସମାନଙ୍କ ଆଞ୍ଚଳିକ ସଂଯୋଗୀକରଣ ଯୋଜନା ଅଧିକ ମାତ୍ରାରେ ସମ୍ଭବପର ହୋଇପାରିଛି।

ରାଜ୍ୟ ସରକାରମାନେ ସେମାନଙ୍କ ଭୂମିକା ସଂପାଦନ କରିବା ଉଦ୍ଦେଶ୍ୟରେ, ଏଟିଏଫ ଉପରେ ଏଭଳି ନିମ୍ନ ମୂଲ୍ୟଯୁକ୍ତ ଟିକସ ରାଜିନାମା ସ୍ୱାକ୍ଷର କରିଛନ୍ତି, ନିରାପତ୍ତା ସୁବିଧା ଯୋଗାଇ ଦେଇଛନ୍ତି ଏବଂ ମାଗଣାରେ ଅଗ୍ନି ନିର୍ବାପକ ସୁବିଧା ଯୋଗାଇ ଦେବାସହ ତଥା ବିଜୁଳି, ଜଳ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସେବା ବ୍ୟବସ୍ଥା ରିହାତି ମୂଲ୍ୟରେ ଯୋଗାଣ ବ୍ୟବସ୍ଥା କରିଛନ୍ତି । ଏହି କ୍ରମରେ ବିମାନବନ୍ଦର ଅପରେଟରମାନେ ମଧ୍ୟ ଏୟାରଲାଇନ୍ସମାନଙ୍କୁ ସେମାନଙ୍କର ପ୍ରୋତ୍ସାହନ ଯୋଗାଇ ଦେଇଛନ୍ତି ଯେଉଁଥିରେ ଅବତରଣ ଓ ଲ୍ୟାଣ୍ଡିଂ ତଥା ଟର୍ମିନାଲ ନାଭିଗେସନ୍ ଲ୍ୟାଣ୍ଡିଂ ଓ ଅନ୍ୟାନ୍ୟ ପାର୍କିଂ ଶୁଳ୍କ ଛାଡ଼ ସାମିଲ । ଭାରତରେ ଆଞ୍ଚଳିକ ବିମାନ ଚଳାଚଳ ଦୃଶ୍ୟପଟ୍ଟରେ ଏହି କ୍ରମରେ ସମ୍ପ୍ରତି ବ୍ୟାପକ ପରିବର୍ତ୍ତନ ଘଟିଚାଲିଛି ଏବଂ ଏପର୍ଯ୍ୟନ୍ତ ଉପଯୁକ୍ତ ଭାବେ ହାସଲ କରାଯାଇନଥିବା ସାମର୍ଥ୍ୟର ଏୟାରଲାଇନ କମ୍ପାନୀମାନେ ଉପଯୋଗ କରିପାରୁଛନ୍ତି ।

ବିମାନଯାତ୍ରୀମାନଙ୍କ ଯାତ୍ରା ଦୃଷ୍ଟିରୁ କେନ୍ଦ୍ର ସରକାର ଯେଉଁ ବିରାଟ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ଆଞ୍ଚଳିକ ବିମାନ ଚଳାଚଳ ବ୍ୟବସ୍ଥାକୁ ସୁଦୃଢ଼ ଓ ବ୍ୟାପକ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ସେମାନଙ୍କୁ ବିମାନ ଯାତ୍ରା ପାଇଁ ବିପୁଳ ସୁଯୋଗ ଯୋଗାଇଛି। ସର୍ବୋପରି, ଉପ-ସହରାଞ୍ଚଳ ଏବଂ କ୍ଷେତ୍ରୀୟ ବିମାନ ଚଳାଚଳ ଦୃଶ୍ୟପଟ୍ଟରେ ପରିଲକ୍ଷିତ ସକାରାତ୍ମକ ପରିବର୍ତ୍ତନ ଏବେ ଖୁବ୍ ଉପକାରି ବୋଲି ପ୍ରମାଣିତ ହୋଇପାରିଛି ।

ଉଡ଼ାନ ଯୋଜନା ଆରମ୍ଭ ସମୟରେ ସମ୍ପୂର୍ଣ୍ଣ ଭାଷଣ ଶୁଣିବା ଲାଗି କ୍ୟୁଆର କୋଡ ସ୍କାନ କରନ୍ତୁ

# ପୁଲୱାମା

## ଭାରତର ପେନସିଲ୍ ଜିଲ୍ଲା



**ସରକାରଙ୍କ ଦ୍ୱାରା ପ୍ରଦତ୍ତ ପ୍ରୋତ୍ସାହନ ଯୋଜନା ଦ୍ୱାରା ପ୍ରଭାବିତ ହୋଇ ପୁଲୱାମା ଜିଲ୍ଲାର ଓଉଖୁ ଗ୍ରାମ ଭାରତର "ପେନସିଲ୍ ଗ୍ରାମ" ଭାବେ ନିଜକୁ ସୁପ୍ରତିଷ୍ଠିତ କରିପାରିଛି ଏବଂ ଦେଶର ୨୦ ପ୍ରତିଶତ ପେନସିଲ୍ ସ୍ଲାଟ୍ ଚାହିଦା ଏହି ଗ୍ରାମ ହିଁ ପୂରଣ କରିପାରିଛି ।**



ଜମ୍ମୁ ଓ କଶ୍ମୀରର ପୁଲୱାମା ଜିଲ୍ଲା ଦୀର୍ଘ ଦିନରୁ ଆତଙ୍କବାଦୀଙ୍କ ଚରାଭୂଇଁ ଭାବେ ସମସ୍ତଙ୍କ ନିକଟରେ ସୁପରିଚିତ ରହିଆସିଛି । ପୁଣି 2019 ମସିହା ଫେବୃଆରୀ 14 ତାରିଖ ଦିନ ଯେତେବେଳେ ସେଠାରେ ଆତଙ୍କବାଦୀମାନଙ୍କର ଏକ ବଡ଼ ଧରଣର ଆତଙ୍କବାଦୀ କାଣ୍ଡ ସଂଘଟିତ ହେଲା ଏହା ସେହି ସ୍ଥାନକୁ ଦେଶର ସମସ୍ତଙ୍କ ନିକଟରେ ଆହୁରି ଜଣାଶୁଣା ନାମରେ ପରିଣତ କରିଦେଇଥିଲା ।

କିନ୍ତୁ, ଏବେ ଏହି ଜିଲ୍ଲା ତା'ର ପାରମ୍ପରିକ ପରିଚୟଠାରୁ ନିଜକୁ ହଟାଇ "ନୂତନ ଭାରତ"ରେ ଏକ ନୂତନ ପରିଚୟ ସୃଷ୍ଟି କରିପାରିଛି । ସରକାରୀ ପ୍ରୋତ୍ସାହନର ଫାଇଦା ଉଠାଇ ଜିଲ୍ଲାର ଓଉଖୁ ଗ୍ରାମ ଦେଶର "ପେନସିଲ୍ ଗ୍ରାମ" ଭାବେ ସୁପରିଚିତ ହୋଇପାରିଛି ଏବଂ ଏଠାରୁ ଉତ୍ପାଦିତ ପେନସିଲ୍ ସ୍ଲାଟ ଦେଶର ୨୦ ପ୍ରତିଶତ ଚାହିଦା ପୂରଣ କରିପାରୁଛି । କେବଳ ଅବଶିଷ୍ଟ 10 ପ୍ରତିଶତ ପେନସିଲ୍ ପାଇଁ ଆବଶ୍ୟକ କାଠ ଆବରଣ (ପେନସିଲ୍ ସ୍ଲାଟ୍) କେରଳରୁ ପ୍ରାପ୍ତ ହୋଇଥାଏ । ପେନସିଲ୍ ସ୍ଲାଟ ହେଉଛି ଲିଡ଼କୁ ଆବରଣ କରୁଥିବା କାଠ ଖୋଳପା ।

ପେନସିଲ୍ ସ୍ଲାଟ ପ୍ରସ୍ତୁତ ପାଇଁ ଏକ ପ୍ରକାର ନରମ କାଠ ଆବଶ୍ୟକ ହୋଇଥାଏ ଯାହାକି ପୁଲୱାମା ଜିଲ୍ଲାର ଆର୍ଦ୍ରଭୂମି ଇଲାକାରେ ହିଁ ଏହି ବୃକ୍ଷ ପ୍ରଚୁର ମାତ୍ରାରେ ରହିଛି । ଏହି କାଠକୁ ନେଇ ପେନସିଲ୍ ସ୍ଲାଟ ପ୍ରସ୍ତୁତ କରିବା ସକାଶେ ଓଉଖୁ ଗ୍ରାମରେ ଏକ ଡଜନରୁ ଅଧିକ ୟୁନିଟ୍ ଏବେ କାର୍ଯ୍ୟକ୍ଷମ । ଏହା ଫଳରେ ଓଉଖୁ ଅଧୁନା ଏହି ନବଗଠିତ କେନ୍ଦ୍ରଶାସିତ କ୍ଷେତ୍ରକୁ ଏକ ନୂତନ ପରିଚୟ ପ୍ରଦାନ କରିଛି ଯାହାକି ପେନସିଲ୍ ଉତ୍ପାଦନର ଏକ ପେଣ୍ଠସ୍ଥଳୀରେ ପରିଣତ ହୋଇପାରିଛି। ତେଣୁ ଏବେଠାରୁ ସ୍ମରଣ ରଖିବାକୁ ହେବ ଯେ ଯେକୌଣସି ଜଣେ କ୍ରେତା ଯେଉଁ ପେନସିଲଟି ହାତରେ ଧରନ୍ତି ତାହା ସମ୍ଭବତଃ ଜଣେ କଶ୍ମୀରୀ ବ୍ୟକ୍ତିଙ୍କ ଶ୍ରମର ଫଳ ହୋଇଥିବ । ଜମ୍ମୁ ଓ କଶ୍ମୀରରୁ ଧାରା 370 ଉଚ୍ଛେଦ ହେବା ପରେ, କେନ୍ଦ୍ର ସରକାର ଏହି ନବଗଠିତ କେନ୍ଦ୍ରଶାସିତ କ୍ଷେତ୍ରକୁ ଦେଶର ମୁଖ୍ୟଧାରାକୁ ଆଣିବା ସକାଶେ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ଲକ୍ଷ୍ୟ ହାସଲ କରିବା ଉଦ୍ଦେଶ୍ୟରେ, ସରକାର ଏଭଳି ପଦକ୍ଷେପମାନ ଗ୍ରହଣ କରିଛନ୍ତି ଯଦ୍ୱାରା ପୁଲୱାମାକୁ ଆତଙ୍କବାଦର କଳାଛାୟାରୁ ମୁକ୍ତ କରାଯାଇପାରିବ ଏବଂ ଦେଶର ପେନସିଲ୍ ଜିଲ୍ଲା ଭାବେ ଏହାକୁ ସାରା ଦେଶରେ ସୁପରିଚିତ କରାଯାଇପାରିବ ।

ଦେଶର ମୋଟ ପେନସିଲ୍ ସ୍ଲାଟ୍ ଚାହିଦାର ୨୦ ପ୍ରତିଶତ ଓଉଖୁ ଗ୍ରାମ ହିଁ ପୂରଣ କରିଥାଏ । ଏବେ ସେଠାରେ ସଂପୂର୍ଣ୍ଣ ରୂପେ ପେନସିଲ୍ ପ୍ରସ୍ତୁତ କରିବା ସକାଶେ ପ୍ରୟାସ କରାଯାଉଛି ଏବଂ ସେଥିପାଇଁ ଏହାକୁ ଏକ ସ୍ୱତନ୍ତ୍ର ଜୋନ ଭାବେ ବିକଶିତ କରିବା ଦିଗରେ ଉଦ୍ୟମ ଜାରି ରହିଛି । ଏବେ ଏହି ଗ୍ରାମର ପ୍ରାୟ 400 ପର୍ଯ୍ୟନ୍ତ ଲୋକ ଏହି ବ୍ୟବସାୟ ସହିତ ଜଡ଼ିତ ରହିଛନ୍ତି । କିନ୍ତୁ ପୂର୍ଣ୍ଣାଙ୍ଗ ପେନସିଲ୍ ପ୍ରସ୍ତୁତ କରାଗଲେ ଏଠାରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ଗତ ବର୍ଷ ଏଭଳି ପେନସିଲ୍ ସ୍ଲାଟ ପ୍ରସ୍ତୁତ ସେମାନଙ୍କ ପାଇଁ 107 କୋଟି ଟଙ୍କାର ରାଜସ୍ୱ ସୃଷ୍ଟି କରିଥିଲା ।

ଜମ୍ମୁ କଶ୍ମୀରର ଅନନ୍ତନାଗ ଜିଲ୍ଲାରେ ମଧ୍ୟ ଏଭଳି ପେନସିଲ୍ ସ୍ଲାଟ ପ୍ରସ୍ତୁତ କରାଯାଉଛି । କିନ୍ତୁ ଓଉଖୁ ଗ୍ରାମ ସହିତ ଲାଗିଥିବା "ପେନସିଲ୍ ଗ୍ରାମ"ର ପରିଚୟ ସେମାନଙ୍କୁ ମଧ୍ୟ ସରକାରୀ ସବସିଡ଼ି ପାଇବାକୁ ହକଦାର କରିପାରିଛି । ତେଣୁ ସେମାନେ ସେଠାରେ ଏହି ଶିଳ୍ପର ବିକାଶ ଓ ବ୍ୟବସାୟ ସମ୍ପ୍ରସାରଣ ଦିଗରେ ସେମାନଙ୍କର ଅବଦାନକୁ ସଂଯୋଗ କରିପାରୁଛନ୍ତି ।

1960 ଦଶକ ପର୍ଯ୍ୟନ୍ତ ଦେବଦାରୁ (ସେଡାର) ଗଛର କାଠକୁ ହିଁ ପେନସିଲ୍ କେସିଂ ପାଇଁ ମୁଖ୍ୟତଃ ବ୍ୟବହାର କରାଯାଉଥିଲା । ଏହା ଫଳରେ ସେଠାରେ ଥିବା ବିସ୍ତୀର୍ଣ୍ଣ ଦେବଦାରୁ ଜଙ୍ଗଲ ଧୀରେ ଧୀରେ ଲୋପ ପାଇବାରେ ଲାଗିଲା। ତେଣୁ ଏବେ ପୋପଲାର ଗଛର କାଠକୁ ପେନସିଲ୍ ପ୍ରସ୍ତୁତିରେ ବ୍ୟବହାର କରାଯାଉଛି । ଫଳତଃ, ଏହି କେନ୍ଦ୍ରଶାସିତ କ୍ଷେତ୍ରର ପ୍ରାକୃତିକ ସମ୍ପଦକୁ ସୁରକ୍ଷିତ ରଖାଯାଇପାରିଛି । ସେହିଭଳି କଶ୍ମୀରରେ ନିର୍ମିତ ହେଉଥିବା କ୍ରିକେଟ ବ୍ୟାଟ୍ ପାଇଁ ମଧ୍ୟ ଉପଯୁକ୍ତ ବଜାର ଉପଲବ୍ଧ ହେବାର ଆବଶ୍ୟକତା ଅନୁଭୂତ ହୁଏ । କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରୟାସ କେବଳ ସେଠାକାର ହସ୍ତକଳାକୁ ପ୍ରୋତ୍ସାହନ ଯୋଗାଇନାହିଁ ଅପରନ୍ତୁ "ଭୋକାଲ୍ ଫର୍ ଲୋକାଲ" ଏବଂ "ଆତ୍ମ ନିର୍ଭର ଭାରତ" ଅଭିଯାନକୁ ମଧ୍ୟ ପର୍ଯ୍ୟାପ୍ତ ମାତ୍ରାରେ ପ୍ରେରଣା ଯୋଗାଇଛି । ଏହା ଜମ୍ମୁ ଓ କଶ୍ମୀରର ଦୃଶ୍ୟପଟ୍ଟରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟାଇଛି । ଅଧୁନା, ସାରା ଦେଶରେ ପ୍ରତ୍ୟେକ ବ୍ୟକ୍ତି ଧରୁଥିବା ପେନସିଲଟି ପୁଲୱାମାରେ ହିଁ ପ୍ରସ୍ତୁତ ହୋଇଥିବା କଳ୍ପନାକୁ ବାସ୍ତବ ରୂପ ପ୍ରଦାନ କରିଛି ।

# ଜନଗଣଙ୍କ ସଶକ୍ତିକରଣ




## ମାଗଣାରେ

## ସୂଚନା, ମନୋରଞ୍ଜନ

'ଡିଡି ଫ୍ରି ଡିସ୍' ହେଉଛି ଏକ ସୁଲଭ ଧରଣର ଗୁଣାତ୍ମକ ସୂଚନା ଯୋଗାଣର ମାଧ୍ୟମ ଯାହାକି ଦୁର୍ଗମ, ଅପହଞ୍ଚ ଓ ସୀମାନ୍ତବର୍ତ୍ତୀ କ୍ଷେତ୍ର ପାଇଁ ଉଦ୍ଦିଷ୍ଟ । ଏହା ଏବେ ସେହିସବୁ କ୍ଷେତ୍ରର ଜନସାଧାରଣ, ବିଶେଷକରି ସମାଜର ସ୍ୱଳ୍ପସଂଖ୍ୟକ ଓ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ ସଶକ୍ତିକରଣର ଏକ ଶକ୍ତିଶାଳୀ ସାଧନରେ ପରିଣତ ହୋଇପାରିଛି ଓ ସେମାନଙ୍କୁ ମନୋରଞ୍ଜନର ଅସରନ୍ତି ଭଣ୍ଡାର ଯୋଗାଇ ଦେଉଛି ।

ମୌଳିକ ଆବଶ୍ୟକତା ପୂରଣ ପରେ, ସୂଚନା ଓ ମନୋରଂଜନ ହେଉଛି ଲୋକମାନଙ୍କର ସବୁଠାରୁ ବଡ଼ ଆବଶ୍ୟକତା । କିନ୍ତୁ ଭାରତର ଜନସଂଖ୍ୟାର ଏକ ପ୍ରମୁଖ ଭାଗ ନିଜ ଘରେ ବ୍ୟୟସାଧ ଘରୋଇ ଡିଟିଏଚ କିମ୍ବା କେବଲ ସଂଯୋଗ କରିବାକୁ ସକ୍ଷମ ହୋଇ ପାରନ୍ତିନାହିଁ । ସୂଚନା ଯୋଗାଣ ଏବଂ ଗଣ ସଶକ୍ତିକରଣକୁ ସୁନିଶ୍ଚିତ କରିବା ସକାଶେ, ଡିଡି ମାଗଣା ଡିସ୍ ଉପଭୋକ୍ତାମାନଙ୍କୁ ଯୋଗାଇ ଦିଆଯାଉଛି ଏବଂ ଏଥିପାଇଁ ଉପଭୋକ୍ତାମାନଙ୍କୁ କେବଳ ଥରେ ମାତ୍ର 1,200 ଟଙ୍କା କିମ୍ବା ତତୋଧିକ ରାଶି ଦେବାକୁ ହିଁ ପଡ଼ିଥାଏ ।

ଏଭଳି ଅଫରର ନିର୍ଭରଯୋଗ୍ୟତା ପଛରେ ଥିବା ବୋନସଟି ହେଉଛି ଏହା ଯେ ସେମାନେ ଦୂରଦର୍ଶନ ଓ ଆକାଶବାଣୀ କାର୍ଯ୍ୟକ୍ରମକୁ ମଧ୍ୟ ଉପଭୋକ୍ତାମାନେ ଉପଭୋଗ କରିପାରିବେ । କାରଣ ଏହିସବୁ ଗଣମାଧ୍ୟମକୁ ଆଜିର ବ୍ରେକିଂ ନ୍ୟୁଜ୍ ପ୍ରତିଯୋଗିତା ଭିତରେ ପେଶି ଦିଆଯାଉଛି ।

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ପ୍ରକାଶ ଜାଭଡ଼େକରଙ୍କ ମତରେ ଦୂରଦର୍ଶନ ଓ ଆକାଶବାଣୀ (ଏଆଇଆର)ର ବିଶ୍ୱସନୀୟତା ଅନ୍ୟ ଚାନେଲମାନଙ୍କ ଠାରୁ ଅଧିକ, କାରଣ ସେହିସବୁ ଘରୋଇ ଚାନେଲମାନେ ବେଳେବେଳେ ଉଡ଼ା କଥାରେ ଅଧିକ ମାତ୍ରାରେ ଭାସି ଯାଇଥାନ୍ତି । ଦୂରଦର୍ଶନ ହେଉଛି ଆସ୍ଥା ଓ ନିର୍ଭରଶୀଳତାର ଏକ ସୁପ୍ରତିଷ୍ଠିତ ଅନୁଷ୍ଠାନ ବୋଲି ସେ କହିଛନ୍ତି ।

ଦୂରଦର୍ଶନର ମାଗଣା ଡିସ୍ ହେଉଛି ପ୍ରସାରଣ ମୁକ୍ତ (ଏଫଟିଏ) ଏବଂ ଲୋକମାନଙ୍କ ପାଇଁ ଏହା ହେଉଛି ଏକ ବିକଳ୍ପ ମଞ୍ଚ ଯେଉଁମାନେ କି ନିଜ ଘରେ ଅତି ଅଧିକ ଦେୟ ଦେଇ ଘରୋଇ ଡିଟିଏଚ ସଂଯୋଗ କରିବାକୁ ସକ୍ଷମ ନୁହନ୍ତି । ଦେଶ ଦୁନିଆର ଖବର ଓ ମତାମତ ତଥା ଗୁଣାତ୍ମକ ମନୋରଂଜନ ଯାହାକି ସମ୍ଭ୍ରାନ୍ତ ବର୍ଗଙ୍କ ପାଇଁ ଉଚ୍ଚ ଦରରେ ଉପଲବ୍ଧ, ତାହା ସାଧାରଣ ଲୋକମାନଙ୍କ ପାଇଁ ଏବେ ସହଜ ଓ ମାଗଣାରେ ଉପଲବ୍ଧ କରାଉଛନ୍ତି ।

ଦଶମ ପଞ୍ଚବାର୍ଷିକ ଯୋଜନା କାଳରେ ହିଁ ଦେଶର ସାଧାରଣ ଲୋକଙ୍କୁ ମାଗଣାରେ ଏଭଳି ସେବା ଯୋଗାଇ ଦିଆଯିବା ପ୍ରସ୍ତାବ ଗୃହୀତ ହୋଇଥିଲା । ପ୍ରସାର ଭାରତୀ ମାଧ୍ୟମରେ ତାହା କାର୍ଯ୍ୟକାରୀ ହୋଇଆସୁଛି । ଅନ୍ୟ ଘରୋଇ ଡିଟିଏଚ ଚାନେଲମାନଙ୍କ ପରି ପ୍ରସାର ଭାରତୀ ଦର୍ଶକମାନଙ୍କ ଠାରୁ ଦୂରଦର୍ଶନର ମାଗଣା ଡିସ୍ ଚାନେଲଗୁଡ଼ିକ ସକାଶେ କୌଣସି ମାସିକ ଦେୟ ଦାବି କରିନଥାଏ ।

ଏହି ଯୋଜନା ପ୍ରାରମ୍ଭିକ ଭାବେ ଏସଏଫସି ଦ୍ୱାରା ସ୍ୱୀକୃତ ହୋଇଥିଲା ଏବଂ 2003 ମସିହାରେ ଅଟଳ ବିହାରୀ ବାଜପେୟୀ ସରକାରଙ୍କ ଅମଳରେ ଏହା କ୍ୟାବିନେଟ ମଞ୍ଜୁରି ପ୍ରାପ୍ତ କରିଥିଲା। ପ୍ରଥମେ କେୟୁ- ବ୍ୟାଣ୍ଡ ବିତରଣ ବ୍ୟବସ୍ଥା ଜରିଆରେ ମୋଟ 30ଟି ଚାନେଲକୁ ଏଭଳି ମଞ୍ଜୁରି ପ୍ରଦାନ କରାଯାଇଥିଲା ଏବଂ ସେଥିରେ ଦୂରଦର୍ଶନର 20ଟି ଚାନେଲ ଏବଂ 10ଟି ଘରୋଇ ବ୍ରଡ଼କାଷ୍ଟରଙ୍କ ମାଗଣା ପ୍ରସାରଣକୁ ନେଇ ଏକ ଗୁଚ୍ଛ ପ୍ରଦାନ କରାଯାଇଥିଲା । ପ୍ରସାର ଭାରତୀ ଘରୋଇ ଚାନେଲମାନେ ଯେଉଁମାନେ କି ଏହି ଡିଟିଏଚ ଗୁଚ୍ଛରେ ସାମିଲ ହେବାକୁ ଇଚ୍ଛୁକ ସେମାନଙ୍କ ଠାରୁ ରିକଭର ଶୁଳ୍କ ଅସୁଲ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା



“ମାଗଣା ଡିସ୍ ହେଉଛି ଦେଶର ଗରିବ ଏବଂ ମଧ୍ୟବିତ୍ତ ବର୍ଗର ଲୋକମାନଙ୍କ ପାଇଁ ମୋଦୀ ସରକାରଙ୍କର ଏକ ଉପହାର। ଏଥିରେ 104ଟିରୁ ଅଧିକ ଚାନେଲ ଉପଲବ୍ଧ ରହିଛି । ଯେକୌଣସି ଇଲେକ୍ଟ୍ରୋନିକ ଦୋକାନକୁ ଯାଇ ଯେକୌଣସି ଉପଭୋକ୍ତା ମାଗଣା ଡିସ୍ (ଡିଡି ଫ୍ରି ଡିସ୍) କ୍ରୟ କରିପାରିବେ। ମାତ୍ର 1,200 ଟଙ୍କା ଖର୍ଚ୍ଚ କରି ସେମାନେ ସାରା ଜୀବନ ମାଗଣାରେ ବିଭିନ୍ନ ଚାନେଲର କାର୍ଯ୍ୟକ୍ରମମାନ ଉପଭୋଗ କରିପାରିବେ । କିନ୍ତୁ ଘରୋଇ ଡିଟିଏଚ ଅପରେଟରମାନେ ମାସିକ ଶୁଳ୍କ ଦାବି କରିଥାନ୍ତି । ଜି, ଷ୍ଟାର, ସୋନୀ, କଲର୍ସ ଏବଂ ଅନ୍ୟାନ୍ୟ ବିଭିନ୍ନ ଚାନେଲ ଫ୍ରି ଡିସରେ ଉପଲବ୍ଧ ରହିଛି । ଏଥିରେ ନ୍ୟୁଜ୍, ସ୍ପୋର୍ଟ୍ସ ଏବଂ 34ଟି ଶିକ୍ଷା ଚାନେଲ ମଧ୍ୟ ରହିଛି । ଆପଣମାନେ ସେଗୁଡ଼ିକର ଉପଯୋଗ କରିପାରିବେ । ଆଜି ହିଁ “ଫ୍ରି ଡିସ୍” ନିଜ ଘରେ ଲଗାନ୍ତୁ ।”

**ପ୍ରକାଶ ଜାଭଡେକର,**
**କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ**

ପରବର୍ତ୍ତୀ ସମୟରେ 2004 ମସିହାରେ ଦୂରଦର୍ଶନର ଡିଟିଏଚ ପ୍ଲାଟଫର୍ମରେ ସରକାର ଏହାର କ୍ଷମତାକୁ 30ରୁ 40ଟି ଚାନେଲକୁ ବୃଦ୍ଧି କରିଥିଲେ ଏବଂ ସେଥିରେ ଦୂରଦର୍ଶନର 17ଟି ଚାନେଲ ସହିତ 23ଟି ଘରୋଇ ଏଫଟିଏ ଚାନେଲ ସାମିଲ କରାଯାଇଥିଲା । ଏହି ପ୍ଲାଟଫର୍ମର କ୍ଷମତାକୁ ପରବର୍ତ୍ତୀ ସମୟରେ ସରକାରଙ୍କ ବିଭିନ୍ନ ଯୋଜନା ଅଧୀନରେ ଆହୁରି ସଂପ୍ରସାରଣ କରାଯାଇଥିଲା ଏବଂ ଅଧୁନା ଏଥିରେ ମୋଟ 112ଟି ଏସଡ଼ିଟିଭି ଚାନେଲ ଏବଂ 48ଟି ରେଡ଼ିଓ ଚାନେଲ ଉପଲବ୍ଧ ରହିଛି । ଦୂରଦର୍ଶନର ମାଗଣା ଡିସ୍ ବୁକେ ଚାନେଲ ଯେତିକି ବିବିଧ ସେତିକି ମାତ୍ରାରେ ଏଥିରେ ବିଭିନ୍ନ ବର୍ଗର ଅତି ଉନ୍ନତ ମାନର କାର୍ଯ୍ୟକ୍ରମମାନ ରହିଛି ।

### ଦୂରଦର୍ଶନ ମାଗଣା ଡିସ୍ ସେଟ୍ ଟପ୍ ବକ୍ସ

ଦୂରଦର୍ଶନ ମାଗଣା ଡିସ୍ ପାଇଁ ଦୂରଦର୍ଶନ ପକ୍ଷରୁ ଅଧିସ୍ୱୀକୃତ ଏସଟିବି ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଛି ଏବଂ ସେଥିରେ 10ଟି ଉତ୍ପାଦନକାରୀ ସଂସ୍ଥାଙ୍କୁ ସ୍ୱୀକୃତ ଏସଟିବି ନିର୍ମାଣ କରିବା ସକାଶେ ପଞ୍ଜିକୃତ କରାଯାଇଛି। ଏହାଦ୍ୱାରା ଦର୍ଶକମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମମାନ ଦେଖିବାର ଅଧିକ ସୁଯୋଗ ତଥା ସୁବିଧା ପ୍ରାପ୍ତ ହୋଇପାରିଛି । ଏବେ ଅଧିକତର ଏସଟିବିଗୁଡ଼ିକ ବିଦେଶରୁ ଆମଦାନୀ କରାଯାଉଛି । କିନ୍ତୁ, ଭାରତରେ ଏସଟିବି ଉତ୍ପାଦନ ସକାଶେ ଯୋଗାଇ ଦିଆଯାଉଥିବା ପ୍ରୋତ୍ସାହନ ଯାହାକି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ “ଡ଼ିଜିଟାଲ ଇଣ୍ଡିଆ” ଏବଂ “ମେକ୍ ଇନ୍ ଇଣ୍ଡିଆ” ପରିକଳ୍ପନାର ଅଂଶବିଶେଷ ଭାବେ କାର୍ଯ୍ୟକାରୀ କରାଯାଉଛି। ପ୍ରସାର ଭାରତୀ ପକ୍ଷରୁ ଭାରତୀୟ ସର୍ତ୍ତମୂଳକ ଅନୁପ୍ରବେଶ ବ୍ୟବସ୍ଥା (ଆଇସିଏଏସ)

## ଲକଡାଉନ ସମୟରେ ଡିଜିଟାଲ ଅଧ୍ୟୟନ

SWAYAM PRABHA
Free DTH Channel for Education

- ମନୋରଞ୍ଜନ ଓ ସୂଚନା ଯୋଗାଣ ବ୍ୟତୀତ, ଏହି ଯୋଜନା ଛାତ୍ରଛାତ୍ରୀମାନଙ୍କ ମଧ୍ୟ ନିରନ୍ତର ଶିକ୍ଷାଦାନକୁ ସୁନିଶ୍ଚିତ କରିଥାଏ। ଏପରିକି କରୋନା ମହାମାରୀ ସମୟରେ ସ୍କୁଲ କଲେଜ ବନ୍ଦ ରହିଥିବା ବେଳେ ସୁଦ୍ଧା ଏଥିରୁ ଛାତ୍ରଛାତ୍ରୀମାନେ ଢେର୍ ଫାଇଦା ପାଇପାରୁଛନ୍ତି । “ସ୍ୱୟଂ ପ୍ରଭା” କାର୍ଯ୍ୟକ୍ରମ ଯେଉଁଥିରେ କି 34ଟି ଡିଟିଏଚ ଚାନେଲ ଏକତ୍ର ରହିଛି, ସେଥିରେ ପର୍ଯ୍ୟାପ୍ତ ଶୈକ୍ଷିକ ସଂସାଧନ ଭରିରହିଛି । ଡିଡି ଫ୍ରି ଡିସ୍ ଦୁର୍ଗମ କ୍ଷେତ୍ରରେ ବସବାସ କରୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ସୁଦ୍ଧା ଏହା ସୁନିଶ୍ଚିତ କରିଛି ଯେ ସେମାନେ ମଧ୍ୟ କୌଣସି ପ୍ରକାରେ ଶିକ୍ଷାଲାଭରୁ ବଞ୍ଚିତ ନରହନ୍ତୁ ଯେତେବେଳେ କି ସହରାଞ୍ଚଳରେ ଅବସ୍ଥାନ କରୁଥିବା ଛାତ୍ରଛାତ୍ରୀମାନେ ଅନଲାଇନ୍ ଶିକ୍ଷାଦାନକୁ ଅତି ସହଜରେ ଆପଣାଇ ନେଇପାରୁଛନ୍ତି ।
- “ସ୍ୱୟଂ ପ୍ରଭା” ଚାନେଲଗୁଡିକ ଅତି ଉଚ୍ଚ ମାନର ଶୈକ୍ଷିକ କାର୍ଯ୍ୟକ୍ରମମାନ ଜିସାଟ୍- 15 ସାଟେଲାଇଟ୍ ବ୍ୟବହାର କରି ଅହୋରାତ୍ର ପ୍ରସାରଣ କରିଥାନ୍ତି । ପ୍ରତି ଦିନ, ଅତି କମରେ ଚାରି ଘଣ୍ଟା ସକାଶେ ନୂତନ ବିଷୟବସ୍ତୁ ସମ୍ବଳିତ ପାଠ୍ୟକ୍ରମ ପ୍ରସାରିତ ହୋଇଥାଏ ଏବଂ ତାହା ସେହିଦିନ ଆହୁରି ପାଞ୍ଚଥର ଦୋହରା ପ୍ରସାରଣ କରାଯାଇଥାଏ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଚାହିଁଲେ ସେମାନଙ୍କର ସୁବିଧା ଅନୁସାରେ ସମୟ ଚୟନ କରି ସେସବୁ ଦେଖିପାରିବେ।
- ଏନପିଟିଇଏଲ, ଆଇଆଇଟି, ୟୁଜିସି, ସିଇସି, ଇଗନୋ, ଏନସିଇଆରଟି ଏବଂ ଏନଆଇଓଏସ ଦବାରା ଏହିସବୁ ପାଠ୍ୟକ୍ରମମାନ ପ୍ରସ୍ତୁତ କରାଯାଇଥାଏ । ଇନଫ୍ଲିବନେଟ୍ କେନ୍ଦ୍ର ଏହିସବୁ ୱେବ୍ ପୋର୍ଟାଲଗୁଡ଼ିକର ପରିଚାଳନା କରିଥାନ୍ତି ।
- ଏହି ସବୁ ଚାନେଲଗୁଡ଼ିକ ପାଠ୍ୟକ୍ରମ ଆଧାରିତ ବିଷୟବସ୍ତୁ ସଂପର୍କରେ ହିଁ ଶିକ୍ଷାଦାନ କରିଥାନ୍ତି ଯାହାକି ସ୍ନାତକୋତ୍ତର ଓ ସ୍ନାତକ ଶ୍ରେଣୀର ବିଭିନ୍ନ ବିଷୟ ଯଥା କଳା, ବିଜ୍ଞାନ, ବାଣିଜ୍ୟ, ପ୍ରଦର୍ଶନ କଳା, ସମାଜ ବିଜ୍ଞାନ, ହ୍ୟୁମାନିଟିଜ୍, ଇଞ୍ଜିନିୟରିଂ, ପ୍ରଯୁକ୍ତି, ଆଇନ, ଭେଷଜ ଶାସ୍ତ୍ର, କୃଷି ଇତ୍ୟାଦି ଉପରେ ଆଧାରିତ । ସେହିଭଳି ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ବିଦ୍ୟାଳୟ ପାଠ୍ୟକ୍ରମ ସଂପର୍କରେ ଶିକ୍ଷାଦାନ ବ୍ୟତୀତ ଏଥିରେ ପ୍ରତିଯୋଗୀତାମୂଳକ ପରୀକ୍ଷା ପାଇଁ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି ।




## ବାଂଲାଦେଶ ଓ ଦକ୍ଷିଣ କୋରିଆର ଚାନେଲ ଉପଲବ୍ଧ

2019 ମସିହା ଜୁନ୍ ମାସ ଠାରୁ ବାଂଲାଦେଶ ଟିଭି ନିୟନ୍ତ୍ରଣାଧୀନ ଏକ ଚାନେଲ ବିଟିଭି ୱାର୍ଲ୍ଡ ଡିଡି ଫ୍ରି ଡିସ୍ ମାଧ୍ୟମରେ ଉପଲବ୍ଧ ହୋଇଛି । ପୂର୍ବ ଭାରତର ଲୋକମାନଙ୍କ ସକାଶେ ବିଟିଭି ୱାର୍ଲ୍ଡ ବିଶେଷ ଆଗ୍ରହର ମାନ୍ୟତା ରଖେ । ସେହିଭଳି ଦକ୍ଷିଣ କୋରିଆର ଅହୋରାତ୍ର ପ୍ରସାରିତ ଏକ ଇଂଲିଶ୍ ଚାନେଲ, କେଏସବି ୱାର୍ଲ୍ଡ ଏବେ ଡିଡି ଫ୍ରି ଡିସ୍ ଜରିଆରେ ଭାରତର ଦର୍ଶକମାନଙ୍କ ନିମନ୍ତେ ଉପଲବ୍ଧ ହୋଇପାରିଛି ।

ଯାହାକି ଭାରତ ସରକାରଙ୍କ ଆଇସିଏଏସ ଉପକ୍ରମର ଏକ ଅଂଶବିଶେଷ ତାହା ମାଧ୍ୟମରେ ଭାରତୀୟ ସିଏଏସକୁ ଦୂରଦର୍ଶନର ମାଗଣା ଡିସ୍ ପ୍ଲାଟଫର୍ମ ପାଇଁ ପ୍ରସ୍ତୁତ କରିବା ସକାଶେ ପ୍ରବର୍ତ୍ତନ କରାଯାଉଛି ।

### ଯୋଜନା- ଡିଡି ଫ୍ରି ଡିସ୍

ଦେଶର ପ୍ରତ୍ୟେକ ଭାଗରେ ଏହି ଯୋଜନା ଯେଭଳି ପହଞ୍ଚିପାରିବ ସେଥିପାଇଁ ଦୂରଦର୍ଶନ ଫ୍ରି ଡିସ୍ ସେଟ୍ ଟପ୍ ବକ୍ସଗୁଡ଼ିକ ଦୁର୍ଗମ, ପାର୍ବତ୍ୟାଞ୍ଚଳ ଏବଂ ବାମପନ୍ଥୀ ଉଗ୍ରବାଦ ଅଧ୍ୟୁଷିତ (ଏଲଡବ୍ଲୁଇ) କ୍ଷେତ୍ରମାନଙ୍କରେ ବିଭିନ୍ନ ଯୋଜନା ଅଧୀନରେ ସରକାରଙ୍କ ଦ୍ୱାରା ବଣ୍ଟନ କରାଯିବାର ବ୍ୟବସ୍ଥା ହୋଇଛି । ଗତ ବର୍ଷ ସରକାର ଏଭଳି 30,000 ଡିଡି ଫ୍ରି ଡିସ୍ ସେଟ୍ ଟପ୍ ବକ୍ସ କେବଳ ଜମ୍ମୁ ଓ କଶ୍ମୀର ଏବଂ ଲଦାଖରେ ବଣ୍ଟନ କରିଛନ୍ତି । ଚଳିତ ବର୍ଷ ଦେଶର ଅନ୍ୟାନ୍ୟ ଦୁର୍ଗମ ତଥା ବାମପନ୍ଥୀ ଉଗ୍ରବାଦ ଅଧ୍ୟୁଷିତ କ୍ଷେତ୍ରମାନଙ୍କରେ ଏଭଳି 1,20,000 ଏସଟିବି ବଣ୍ଟନର ଯୋଜନା ରଖାଯାଇଛି ।

### ବ୍ୟାପକ ରେଞ୍ଜର ଚାନେଲ ବଣ୍ଟନ ବ୍ୟବସ୍ଥା

ବର୍ତ୍ତମାନ ଦୂରଦର୍ଶନର 'ଡିଡି ଫ୍ରି ଡିସ୍' ଗୁଚ୍ଛରେ ମୋଟ 34ଟି ଦୂରଦର୍ଶନ ଚାନେଲ, 2 ସଂସଦୀୟ ଚାନେଲ, 2ଟି ବିଦେଶୀ ଜନ ସେବା ପ୍ରସାରଣ ଚାନେଲ ଏବଂ 67ଟି ଘରୋଇ ଟେଲିଭିଜନ ଚାନେଲ ରହିଛି । ସେହିସବୁ ଘରୋଇ ଚାନେଲଗୁଡ଼ିକ ମଧ୍ୟରେ ଜିଇସି, ମୁଭି, ନ୍ୟୁଜ୍, ସ୍ପୋର୍ଟ୍ସ ଆଧାତ୍ମିକ ଓ ମ୍ୟୁଜିକ୍ ଚାନେଲ ରହିଛି । 2019 ମସିହାରେ ସାଟେଲାଇଟ୍ ଫୁଟପ୍ରିଣ୍ଟ ପରିସରକୁ 11ଟି ରାଜ୍ୟ ଦୂରଦର୍ଶନ ଚାନେଲ ଅଣାଯାଇଛି ଯାହାକି ଏବେ ଡିଡି ଫ୍ରି ଡିସ୍ ମାଧ୍ୟମରେ ଭାରତର ଦର୍ଶକମାନଙ୍କ ସକାଶେ ଉପଲବ୍ଧ । ପ୍ରଥମ ଥର ପାଇଁ ଛତିଶଗଡ଼, ଗୋଆ, ହରିୟାଣା, ହିମାଚଳ ପ୍ରଦେଶ, ମିଜୋରାମ, ନାଗାଲାଣ୍ଡ, ତ୍ରିପୁରା ଓ ଉତ୍ତରାଖଣ୍ଡ ରାଜ୍ୟ ସେମାନଙ୍କର ନିଜସ୍ୱ ଦୂରଦର୍ଶନ ଚାନେଲ ଲାଭ କରିଛନ୍ତି ଯାହାକି ଡିଡି ଫ୍ରି ଡିସ୍ ମାଧ୍ୟମରେ ଉପଗ୍ରହ ସେବା ନେଟୱାର୍କ ମାଧ୍ୟମରେ ଉପଲବ୍ଧ ।

### ଥରକ ପାଇଁ ଏକ କ୍ଷୁଦ୍ର ନିବେଶର ଆବଶ୍ୟକତା

ଡିଡି ଫ୍ରି ଡିସ୍ ସଂଯୋଗ ପାଇଁ ଉପଭୋକ୍ତାମାନଙ୍କୁ ଗୋଟିଏ ଡିସ୍ ରିସିଭ୍ ସିଷ୍ଟମ କିଣିବା ସକାଶେ ଗୋଟିଏ ଥର ପାଇଁ ସ୍ୱଳ୍ପ ଅର୍ଥ ନିବେଶ କରିବାକୁ ପଡ଼ିଥାଏ । ସେହି ରିସିଭ୍ ସିଷ୍ଟମ ମଧ୍ୟରେ ଗୋଟିଏ ସେଟ୍ ଟପ୍ ବକ୍ସ ଓ ଛୋଟ ଡିସ୍ ଆଣ୍ଟେନାଟିଏ ସାମିଲ । ଏହା ପରେ ଉପଭୋକ୍ତାମାନଙ୍କ ଟେଲିଭିଜନ୍ ସେଟ୍ ସହ ମାଗଣା ଡିସ୍ ସଂଯୋଗ ହୋଇଯାଇଥାଏ ଏବଂ ସେମାନେ ସାରା ଜୀବନ ମାଗଣାରେ ଶତାଧିକ ଚାନେଲ ଦେଖିପାରିଥାନ୍ତି। ଡିଡି ଫ୍ରି ଡିସର ଅଭିନବ ମଡ଼େଲ ଏହାକୁ ଦେଶର ସର୍ବବୃହତ୍ ଡିଟିଏଚ ପ୍ଲାଟଫର୍ମରେ ପରିଣତ କରିପାରିଛି ଏବଂ ଅଧୁନା ସାରା ଦେଶରେ 3.8 କୋଟି ପରିବାରଙ୍କ ନିକଟରେ ଡିଡି ଫ୍ରି ଡିସ୍ ଉପଲବ୍ଧ ହୋଇପାରିଛି ।

### ଦୁର୍ଗମ କ୍ଷେତ୍ରରେ ଟେଲିଭିଜନ୍ ସେବା ଉପଲବ୍ଧ କରିବା

ଦେଶର ଅନେକ ଦୁର୍ଗମ, ଅଗମ୍ୟ ଏବଂ ସୀମାନ୍ତବର୍ତ୍ତୀ କ୍ଷେତ୍ରରେ ଡିଡି ଫ୍ରି ଡିସ୍ ଏବେ କୋଟି କୋଟି ଗରିବ ଲୋକଙ୍କ ନିକଟରେ ପହଞ୍ଚି ପାରିଛି ଯାହାକି ଅବହେଳିତ ତଥା ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସଶକ୍ତ କରିବା ଦିଗରେ ଏକ ବିରାଟ ସାଧନରେ ପରିଣତ ହୋଇଛି । ସୁଲଭ ମୂଲ୍ୟରେ ଗୁଣାତ୍ମକ ସୂଚନା ସେବା ପ୍ରସାରଣ କରିବା ଦିଗରେ ଏହା ଏକ ବଳିଷ୍ଠ ସାଧନ ଭାବେ ବିବେଚିତ ହୋଇପାରିଛି ।

# ଭାରତରେ କରୋନାରେ ନୂଆ ସଂକ୍ରମିତଙ୍କ ସଂଖ୍ୟାକୁ ଆରୋଗ୍ୟ ହାର ଟପିଲା

## କୋଭିଡ୍- 19 ପରିଚାଳନାରେ ଭାରତର ବିଶେଷ ସଫଳତା ପ୍ରାପ୍ତି




ଏକ କୃତସଂକଳ୍ପ ମନୋଭାବର ସହ ଭାରତ କୋଭିଡ୍- 19 ବିରୋଧରେ ତା'ର ସଂଗ୍ରାମ ଜାରି ରଖିଛି । ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ସମୟୋଚିତ କାର୍ଯ୍ୟାନୁଷ୍ଠାନ, ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା "ଟେଷ୍ଟିଂ, ଟ୍ରେସିଂ ଓ ଟ୍ରିଟମେଣ୍ଟ" ମନ୍ତ୍ର ଭାରତକୁ କୋଭିଡ୍- 19 ସଂକ୍ରମଣରୁ ଆରୋଗ୍ୟ ଲାଭ କରିଥିବା ବିଶ୍ୱର 10ଟି ପ୍ରମୁଖ ରାଷ୍ଟ୍ରଙ୍କ ତାଲିକାରେ ଅବସ୍ଥାପିତ କରିପାରିଛି ଯାହା ଫଳରେ ସାରା ବିଶ୍ୱରେ ସବୁଠାରୁ ଅଧିକ କରୋନା ଆକ୍ରାନ୍ତ ଭାରତରେ ଆରୋଗ୍ୟ ଲାଭ କରିପାରିଛନ୍ତି ।


ବର୍ତ୍ତମାନ ସମଗ୍ର ବିଶ୍ୱ କରୋନା ମହାମାରୀ ସହିତ ଜୁଝିଚାଲିଛି । ଏହି ପରିପ୍ରେକ୍ଷୀରେ ଦୁଇଟି ଦିଗରୁ ମିଳୁଥିବା ରିପୋର୍ଟ ବେଶ୍ ଉତ୍ସାହଜନକ । ପ୍ରଥମତଃ, ଅକ୍ଟୋବର 4, 2020 ସୁଦ୍ଧା ଦେଶରେ କରୋନା ଆରୋଗ୍ୟଙ୍କ ସଂଖ୍ୟ 55 ଲକ୍ଷକୁ ଟପିଛି ଯାହାକି ସମଗ୍ର ବିଶ୍ୱରେ ସର୍ବାଧିକ । ଦ୍ୱିତୀୟତଃ, ସେପ୍ଟେମ୍ବର 20 ଏବଂ ଅକ୍ଟୋବର, 2020 ତାରିଖ ମଧ୍ୟରେ ଦୈନିକ ଆରୋଗ୍ୟଙ୍କ ସଂଖ୍ୟା ନୂତନ ଆକ୍ରାନ୍ତଙ୍କ ସଂଖ୍ୟାଠାରୁ ଅଧିକ ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିବେଚନା ଅନୁସାରେ କୌଣସି ଦେଶରେ ଯେତେବେଳେ କୋଭିଡ୍-19 ମହାମାରୀରେ ଆକ୍ରାନ୍ତ ହେଉଥିବା ନୂତନ ରୋଗୀଙ୍କ ସଂଖ୍ୟାଠାରୁ ଆରୋଗ୍ୟ ଲାଭ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା କ୍ରମାଗତ ଭାବେ 14 ଦିନ ପର୍ଯ୍ୟନ୍ତ ଅଧିକ ହେବ ସେତେବେଳେ ଏହି ମହାମାରୀ ସେଠାରେ ଶୀର୍ଷରେ ପହଞ୍ଚି ସାରିଛି ବୋଲି ବିବେଚନା କରାଯିବ ।

ବର୍ତ୍ତମାନ ଭାରତରେ କରୋନାରୁ ଆରୋଗ୍ୟ ଲାଭ କରୁଥିବା ଲୋକଙ୍କ ମାତ୍ରା 84.34 ପ୍ରତିଶତ ଛୁଇଁଛି ଯାହାକି ସମଗ୍ର ବିଶ୍ୱରେ ସର୍ବାଧିକ । ସରଳ ଭାଷାରେ କହିବାକୁ ଗଲେ, ରିପୋର୍ଟ ହୋଇଥିବା ପ୍ରତି 100 ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ 84 ଜଣ ଚିକିତ୍ସା ପରେ ଆରୋଗ୍ୟ ଲାଭ କରିଛନ୍ତି। ଏପର୍ଯ୍ୟନ୍ତ ଭାରତରେ ମୋଟ 66,23,515ଜଣ କରୋନା ମହାମାରୀରେ ଆକ୍ରାନ୍ତ ହୋଇଥିବା ରିପୋର୍ଟ ହୋଇଛି । ସେମାନଙ୍କ ମଧ୍ୟରୁ ଏବେସୁଦ୍ଧା 55,85,645ଜଣ ରୋଗୀ ଆରୋଗ୍ୟ ଲାଭ କରି ସାରିଛନ୍ତି । ଏହି ସଂକ୍ରମଣ ସର୍ବାଧିକ ଦୈନିକ 1,02,723 ଛୁଇଁଛି ଏବଂ ସେଥିରେ ମୃତ୍ୟୁହାର 1.55 ପ୍ରତିଶତ ରହିଛି । ଯେଉଁସବୁ ରାଜ୍ୟରେ ଏପର୍ଯ୍ୟନ୍ତ 70 ପ୍ରତିଶତରୁ ଅଧିକ କରୋନା ଆକ୍ରାନ୍ତ ଆରୋଗ୍ୟ ଲାଭ କରିଛନ୍ତି ସେସବୁ ମଧ୍ୟରେ ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, ଉତ୍ତର ପ୍ରଦେଶ, ଦିଲ୍ଲୀ, ଓଡ଼ିଶା, କେରଳ, ପଶ୍ଚିମବଙ୍ଗ ଓ ମଧ୍ୟ ପ୍ରଦେଶ ରହିଛି ଏବଂ ଏହି ତାଲିକାର ସର୍ବାଗ୍ରେ ମହାରାଷ୍ଟ୍ର ରହିଛି ।



"ମୋର ପ୍ରିୟ ଦେଶବାସୀଗଣ, ଏଭଳି କରୋନା ସଂକ୍ରମଣ କାଳରେ, ମୁଁ ପୁଣି ଥରେ ଆପଣମାନଙ୍କୁ ସ୍ମରଣ କରାଇ ଦେବାକୁ ଚାହୁଁଛି- ସଦାବେଳେ ମୁହଁରେ ମାସ୍କ ପିନ୍ଧନ୍ତୁ ଏବଂ ମୁହଁକୁ ନଘୋଡ଼ାଇ କଦାପି ବାହାରକୁ ବାହାରିବାର ଦୁଃସାହସ କରନ୍ତୁନାହିଁ । "ଦୁଇ ଗଜ ଦୂରତା ରକ୍ଷା", ସାମାଜିକ ଦୂରତା ରକ୍ଷା ଆପଣମାନଙ୍କୁ ଏବଂ ଆପଣମାନଙ୍କ ପରିବାରବର୍ଗଙ୍କୁ ସୁରକ୍ଷା ପ୍ରଦାନ କରିବ । କରୋନା ବିରୁଦ୍ଧରେ ଆମର ସଂଗ୍ରାମରେ ଏହି କେତେଗୋଟି ନିୟମ ହେଲା ଆମର ସବୁଠାରୁ ବଡ଼ ଅସ୍ତ୍ର, ପ୍ରତ୍ୟେକ ନାଗରିକଙ୍କ ଜୀବନ ରକ୍ଷା କରିବାର ଏକ ଶକ୍ତିଶାଳୀ ସାଧନ ଏବଂ ଆମକୁ ଏକଥା ମଧ୍ୟ ଭୁଲିଯିବା ଉଚିତ ହେବନାହିଁ, କରୋନା ପାଇଁ ଯେକୌଣସି ପ୍ରକାର ପ୍ରତିଷେଧକ ଟୀକା ନବାହାରିବା ପର୍ଯ୍ୟନ୍ତ, ଆମେ ଆମର ଏହି ପ୍ରୟାସରେ କୌଣସି ପ୍ରକାର ଖିଲାଫ କରିବାନାହିଁ ।"

**-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**



| ବର୍ତ୍ତମାନ ସୁଦ୍ଧା କରାଯାଇଥିବା ମୋଟ ନମୁନା ପରୀକ୍ଷଣ | ଅକ୍ଟୋବର 4 ତାରିଖ ସୁଦ୍ଧା କରାଯାଇଥିବା ନମୁନା ପରୀକ୍ଷା |
|---|---|
| 7,99,82,394 | 9,89,860 |

| ତାରିଖ | ସକ୍ରିୟ ମାମଲା |
|---|---|
| 19 ସେପ୍ଟେମ୍ବର | 10.10 ଲକ୍ଷ |
| 20 ସେପ୍ଟେମ୍ବର | 10.04 ଲକ୍ଷ |
| 21 ସେପ୍ଟେମ୍ବର | 9.75 ଲକ୍ଷ |
| 22 ସେପ୍ଟେମ୍ବର | 9.68 ଲକ୍ଷ |
| 23 September | 9.66 ଲକ୍ଷ |
| 24 ସେପ୍ଟେମ୍ବର | 9.69 ଲକ୍ଷ |
| 25 ସେପ୍ଟେମ୍ବର | 9.61 ଲକ୍ଷ |
| 26 ସେପ୍ଟେମ୍ବର | 9.56 ଲକ୍ଷ |
| 27 ସେପ୍ଟେମ୍ବର | 9.63 Lakh |
| 28 ସେପ୍ଟେମ୍ବର | 9.47 ଲକ୍ଷ |
| 29 ସେପ୍ଟେମ୍ବର | 9.40 ଲକ୍ଷ |
| 30 ସେପ୍ଟେମ୍ବର | 9.40 ଲକ୍ଷ |
| 1 ଅକ୍ଟୋବର | 9.42 ଲକ୍ଷ |
| 2 ଅକ୍ଟୋବର | 9.45 ଲକ୍ଷ |
| 3 ଅକ୍ଟୋବର | 9.37 ଲକ୍ଷ |
| 4 ଅକ୍ଟୋବର | 9.35 ଲକ୍ଷ |

Source:covid19india.org/

**84.34 ପ୍ରତିଶତ ଭାରତରେ ଆରୋଗ୍ୟ ହାର**

**1.55 ପ୍ରତିଶତ ଭାରତରେ ମୃତ୍ୟୁ ହାର**

# 'ମିଳିତ ଜାତିସଂଘ ବ୍ୟବସ୍ଥାରେ ସଂସ୍କାର ଅଣାଯିବା ହେଉଛି ସମୟର ଆହ୍ୱାନ'



ଗତ ସେପ୍ଟେମ୍ବର ମାସରେ ନିଜ ପ୍ରତିଷ୍ଠାର 75 ବର୍ଷ ପୂର୍ତ୍ତି ପାଳନ କରିଥିବା ମିଳିତ ଜାତିସଂଘ ସତେ ଯେପରି ନୂତନ ବିଶ୍ୱ ଶୃଙ୍ଖଳର ଆବଶ୍ୟକତାକୁ ନେଇ ନିଜର ପୁନରାବିଷ୍କାର ନିମନ୍ତେ ଅରାଜି ଏବଂ ଏଥିପାଇଁ ନିଜର କୌଣସି ଯୁକ୍ତିସିଦ୍ଧ କାରଣ ଦର୍ଶାଇବାକୁ ମଧ୍ୟ ଅକ୍ଷମ ।

ମିଳିତ ଜାତିସଂଘ (ୟୁଏନ) ସଂଗଠନରେ ସଂସ୍କାର ଘଟିବା ସକାଶେ ଭାରତ ସଦାବେଳେ ଦାବି କରିଆସିଛି, କାରଣ ଏହି ବହୁରାଷ୍ଟ୍ରୀୟ ସଂଗଠନ ଯେଉଁ ଉଦ୍ଦେଶ୍ୟରେ ଗଠିତ ହୋଇଥିଲା ବର୍ତ୍ତମାନ ପରିପ୍ରେକ୍ଷୀରେ ତାହାର ଉଦ୍ଦେଶ୍ୟ ହାସଲ କରିବା ଦିଗରେ ସଂପୂର୍ଣ୍ଣ ବିଫଳ ହୋଇଛି । ମିଳିତ ଜାତିସଂଘର 75ତମ ବର୍ଷପୂର୍ତ୍ତି ଅବସରରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବକ୍ତବ୍ୟ ଛଳରେ କେତେକ ଯୁକ୍ତିସିଦ୍ଧ ପ୍ରଶ୍ନ ଉପସ୍ଥାପନ କରିଛନ୍ତି ଏବଂ ସେସବୁର ସମାଧାନ ନିମନ୍ତେ ଉପାୟ ସ୍ଥିର କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କର ଭାଷଣ ପ୍ରଦାନ ଅବସରରେ କହିଛନ୍ତି ଯେ ମିଳିତ ଜାତିସଂଘ ଯଦିଚ କେତେଗୁଡ଼ିଏ ସଫଳତା ହାସଲ କରିଛି, ସାମଗ୍ରିକ ଭାବେ ଦେଖିବାକୁ ଗଲେ, ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏହି ସଂଗଠନ ଠାରୁ ବିଶ୍ୱ ସମୁଦାୟ ଆଜି ଯାହା ଆଶା କରନ୍ତି ତାହା ହାସଲ କରିବା ଦିଗରେ ଏହା ସଂପୂର୍ଣ୍ଣ ବିଫଳ ହୋଇଛି । ଏହି ବୈଶ୍ୱିକ ସଂଗଠନ ଯେଉଁଥିରେ କି ସମଗ୍ର ବିଶ୍ୱର ଅଧିକାଂଶ ରାଷ୍ଟ୍ର ସଦସ୍ୟ ଭାବେ ସାମିଲ, ଯେତେବେଳେ କୋଭିଡ଼-19 ଭଳି ମହାମାରୀ ସାରା ବିଶ୍ୱକୁ ଆକ୍ରାନ୍ତ କରି ରଖିଛି, ଜାତିସଂଘ କେବଳ ନୀରବ ଦର୍ଶକର ଭୂମିକା ହିଁ ନିର୍ବାହ କରିଛି । ଏହିଭଳି ଅନେକ କାରଣର ବାସ୍ତବତା ଦୃଷ୍ଟିରୁ ଏହି ସଂଗଠନରେ ଯଥା ଶୀଘ୍ର ଏବଂ ଆମୂଳଚୂଳ ପରିବର୍ତ୍ତନ ଘଟାଯିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ ଯୁକ୍ତି ଉପସ୍ଥାପନ କରିଛନ୍ତି ।

ପ୍ରଧାନମନ୍ତ୍ରୀ ତାଙ୍କର ଜାତିସଂଘ ଅଭିଭାଷଣ କାଳରେ କହିଛନ୍ତି ଯେ "ପ୍ରତିକ୍ରିୟାରେ, ପ୍ରକ୍ରିୟାରେ ଏବଂ ମିଳିତ ଜାତିସଂଘର ଚରିତ୍ରରେ ଆମୂଳଚୂଳ ସଂସ୍କାର ଅଣାଯିବା ହେଉଛି ବର୍ତ୍ତମାନ ସମୟର ଆହ୍ୱାନ । ଏଭଳି ସାମଗ୍ରିକ ସଂସ୍କାର ନିମନ୍ତେ ସମଗ୍ର ଭାରତବାସୀ ଦୀର୍ଘ ଦିନ ହେବ ପ୍ରତୀକ୍ଷା କରି ରହିଛନ୍ତି । ଜନସାଧାରଣ ଉଦବିଗ୍ନ ଯେ ଏହି ସଂସ୍କାର ପ୍ରକ୍ରିୟା ତା'ର ଯୁକ୍ତିସିଦ୍ଧ ଲକ୍ଷ୍ୟରେ ପହଞ୍ଚି ପାରିବ ଅବା ନାହିଁ ।"

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ପ୍ରସଙ୍ଗରେ ପ୍ରଶ୍ନ କରିଛନ୍ତି, " ଯେତେବେଳେ ଗୋଟିଏ ରାଷ୍ଟ୍ରରେ ଘଟୁଥିବା ପରିବର୍ତ୍ତନ ବିଶ୍ୱର ବ୍ୟାପକ କ୍ଷେତ୍ରକୁ ଆକ୍ରାନ୍ତ କରୁଛି ସେତେବେଳେ ସେହି ରାଷ୍ଟ୍ର ଆଉ କେତେ କାଳ ଅପେକ୍ଷା କରିରହିଥିବ? ଏକବିଂଶ ଶତାବ୍ଦୀରେ, ଆମର ବର୍ତ୍ତମାନର ତଥା ଭବିଷ୍ୟତର ଆବଶ୍ୟକତା ଓ ଚାଲେଞ୍ଜଗୁଡ଼ିକ ଅତୀତ ଠାରୁ ସଂପୂର୍ଣ୍ଣ ରୂପେ ଭିନ୍ନ । 1945 ମସିହାରେ ବିଶ୍ୱରେ ସେତେବେଳେ ଯେଉଁ ପରିସ୍ଥିତି ଥିଲା, ତାହାକୁ ଦୃଷ୍ଟିରେ ରଖି ଗଠିତ ହୋଇଥିବା ଏହି ସଂଗଠନର ଚରିତ୍ର ଆଜି ପାଇଁ ଯଥାର୍ଥ ଓ ଉପଯୋଗୀ ରହିଛି କି ନାହିଁ ସେ ପ୍ରଶ୍ନ ଆମେ ନିଜକୁ ପଚାରିବା ଉଚିତ ।" ଏକଥା ସତଯେ ତୃତୀୟ ବିଶ୍ୱଯୁଦ୍ଧକୁ ଏଡ଼ାଇବା ନିମନ୍ତେ ବିଶ୍ୱ ଅତୀତର ବର୍ଷମାନଙ୍କରେ ସକ୍ଷମ ହୋଇପାରିଛି । କିନ୍ତୁ ଯୁଦ୍ଧ, ଗୃହ ଯୁଦ୍ଧ, ଆତଙ୍କବାଦୀ ଆକ୍ରମଣ ଯେଉଁଭଳି ଭାବେ ବିଶ୍ୱର ଅନେକ କ୍ଷେତ୍ରକୁ ଆକ୍ରାନ୍ତ କରିଛି ସେଥିରେ ଲକ୍ଷ ଲକ୍ଷ ଲୋକ ଶରଣାର୍ଥୀ ହେବାକୁ ବାଧ

## ଭାରତ: ବିକାଶର ଏକ ନୂଆ ମଡେଲ

- ଏକ ଆତ୍ମ ନିର୍ଭର ଭାରତ ଯାହା ବିଶ୍ୱ ଅର୍ଥବ୍ୟବସ୍ଥାକୁ ବହୁଗୁଣିତ କରିବାର ଏକ ବଡ଼ ଶକ୍ତି ଭାବେ ବିବେଚିତ ହୋଇପାରିବ ।
- ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସହ 40 କୋଟି ଲୋକଙ୍କୁ ଯୋଡ଼ି ଭାରତ କୋଟି କୋଟି ଲୋକଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣି ପାରିଛି ।
- ବିଗତ 4-5 ବର୍ଷ ମଧ୍ୟରେ 60 କୋଟିରୁ ଅଧିକ ଲୋକଙ୍କୁ ମୁକ୍ତାକାଶ ଶୌଚ ଅଭ୍ୟାସରୁ ମୁକ୍ତ କରିପାରିଛି ।
- 50 କୋଟିରୁ ଅଧିକ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ସୁବିଧା ପହଞ୍ଚାଇ ପାରିଛି ।
- ଡିଜିଟାଲ କାରବାର କ୍ଷେତ୍ରରେ ଭାରତ ହେଉଛି ବିଶ୍ୱର ଅନ୍ୟତମ ପ୍ରମୁଖ ରାଷ୍ଟ୍ର ଯଦ୍ୱାରା ସଶକ୍ତିକରଣ ଏବଂ ସ୍ୱଚ୍ଛତା ବୃଦ୍ଧି ପାଇଛି ।
- 2025 ମସିହା ସୁଦ୍ଧା ଭାରତ ନିଜକୁ ସଂପୂର୍ଣ୍ଣ ରୂପେ ଯକ୍ଷ୍ମାମୁକ୍ତ ରାଷ୍ଟ୍ର ଭାବେ ସୁପ୍ରତିଷ୍ଠିତ କରିବା ଦିଗରେ ବ୍ୟାପକ ଅଭିଯାନ କାର୍ଯ୍ୟକାରୀ କରୁଛି ।
- ଦେଶର 15 କୋଟି ଗ୍ରାମାଞ୍ଚଳ ପରିବାରଙ୍କ ନିକଟରେ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା ଦିଗରେ ଭାରତ ଏବେ ଏକ ବିରାଟ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରୁଛି ।
- ଭାରତ ନିଜର 6 ଲକ୍ଷରୁ ଅଧିକ ଗ୍ରାମକୁ ବ୍ରଡବ୍ୟାଣ୍ଡ ଅପ୍ଟିକାଲ ଫାଇବର ମାଧ୍ୟମରେ ସଂଯୋଗ କରିବା ନିମନ୍ତେ ଏକ ବିଶାଳ ପ୍ରକଳ୍ପ ଆରମ୍ଭ କରିଛି ।
- ଭାରତ ହେଉଛି ବିଶ୍ୱର କତିପୟ ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ଅନ୍ୟତମ ଯେଉଁଠାରେ ମହିଳାମାନଙ୍କୁ 26 ସପ୍ତାହର ସବୈତନିକ ମାତୃତ୍ୱ ଅବକାଶ ଛୁଟି ପ୍ରଦାନ କରାଯାଉଛି ।

## ବିଶ୍ୱ ଶାନ୍ତି ପାଇଁ ପ୍ରତିବଦ୍ଧତା

- ଜାନୁଆରୀ 2021 ଠାରୁ ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ ଜାତିସଂଘ ନିରାପତ୍ତା ପରିଷଦର ଅସ୍ଥାୟୀ ସଦସ୍ୟ ରୂପେ ବିଶ୍ୱ କଲ୍ୟାଣ ନିମନ୍ତେ ଭାରତ ତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।
- ଭାରତ ତା'ର ସେନାଙ୍କୁ ଜାତିସଂଘ ଶାନ୍ତି ରକ୍ଷାକାରୀ ବାହିନୀ ସକାଶେ ବିଶ୍ୱର ପ୍ରାୟ 50ଟି ରାଷ୍ଟ୍ରକୁ ପ୍ରେରଣ କରିଛି ।
- ସେହିସବୁ ଅଭିଯାନରେ ଯାଇ କାର୍ଯ୍ୟରତ ଥିବାବେଳେ ପ୍ରାଣବଳି ଦେଇଥିବା ଯେକୌଣସି ରାଷ୍ଟ୍ରର ସୈନିକଙ୍କ ତୁଳନାରେ ଭାରତୀୟ ସୈନିକଙ୍କ ସଂଖ୍ୟା ସର୍ବାଧିକ ।
- ପ୍ରତି ବର୍ଷ ଅକ୍ଟୋବର 02 ତାରିଖ ଦିନ ପାଳନ କରାଯାଇ ଆସୁଥିବା ଆନ୍ତର୍ଜାତିକ ଅହିଂସା ଦିବସ ଏବଂ ଜୁନ୍ 21 ତାରିଖ ଦିନ ପାଳିତ ହେଉଥିବା ଆନ୍ତର୍ଜାତିକ ଯୋଗ ଦିବସ ଭାରତର ପ୍ରୟାସରେ ହିଁ କାର୍ଯ୍ୟକାରୀ ହୋଇ ଆସୁଛି ।
- ସେହିଭଳି ବିପର୍ଯ୍ୟୟ ପ୍ରଶମନ ଭିତ୍ତିଭୂମି ମେଣ୍ଟ ପାଇଁ ଗଠିତ ସଂଗଠନ ଏବଂ ଅନ୍ତରାଷ୍ଟ୍ରୀୟ ସୌର ସଂଗଠନ ଭାରତର ପ୍ରୟାସ କ୍ରମେ କାର୍ଯ୍ୟକାରୀ ହେଉଛି ।
- ଭାରତର "ପ୍ରଥମେ ପ୍ରତିବେଶୀ ନୀତି ଠାରୁ ନେଇ "ଆକ୍ଟ ଇଷ୍ଟ ପଲିସି" ତଥା ଭାରତ- ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପ୍ରତି ଆଭିମୁଖ୍ୟ ଏହିସବୁ କ୍ଷେତ୍ରର ନିରାପତ୍ତା ତଥା ସମସ୍ତଙ୍କ ପାଇଁ ବିକାଶ ନିମନ୍ତେ ଉଦ୍ଦିଷ୍ଟ । ଭାରତ ସଦାସର୍ବଦା ମାନବ ସମାଜର ସାମଗ୍ରିକ ଉନ୍ନତି ଓ ମଙ୍ଗଳ ନିମନ୍ତେ କାର୍ଯ୍ୟ କରିଆସିଛି ।
- ଭାରତର ଫାର୍ମାସ୍ୟୁଟିକାଲ୍ସ କମ୍ପାନୀମାନେ କରୋନା ମହାମାରୀ ସମୟରେ ବିଶ୍ୱର 150ରୁ ଅଧିକ ରାଷ୍ଟ୍ରଙ୍କ ଅତ୍ୟାବଶ୍ୟକ ଔଷଧ ଯୋଗାଇଛନ୍ତି ।
- ବିଶ୍ୱର ସର୍ବବୃହତ୍ ପ୍ରତିଷେଧକ ଟୀକା ଉତ୍ପାଦନ କ୍ଷମତାର ଅଧିକାରୀ ହୋଇଥିବାରୁ ଭାରତ ଏହାର ପ୍ରତିଷେଧକ ଟୀକା ଉତ୍ପାଦନ ଓ ଯୋଗାଣ କ୍ଷମତାକୁ କରୋନା ମହାମାରୀ ବିରୋଧରେ ସମଗ୍ର ମାନବ ସମାଜକୁ ସହାୟତା ନିମନ୍ତେ ସମର୍ପିତ କରିଛି ।
- ଭାରତ ଯେତେବେଳେ ଶକ୍ତିଶାଳୀ ଥିଲା, ସେତେବେଳେ ବିଶ୍ୱ ପାଇଁ କୌଣସି ସମସ୍ୟା ସୃଷ୍ଟି କରିନାହିଁ । ଭାରତ ଯେତେବେଳେ ବି ଦୁର୍ବଳ ହୋଇଛି, ସେତେବେଳେ ବିଶ୍ୱ ଉପରେ କଦାଚିତ୍ ଉପରେ ବୋଝ ସାଜିନାହିଁ ।

**ଜାତିସଂଘ ନିରାପତ୍ତା ପରିଷଦର ଅସ୍ଥାୟୀ ସଦସ୍ୟ**

- ଜୁନ 17, 2020 ତାରିଖରେ ଭାରତ ଅଷ୍ଟମ ଥର ପାଇଁ ମିଳିତ ଜାତିସଂଘ ନିରାପତ୍ତା ପରିଷଦର ଅସ୍ଥାୟୀ ସଦସ୍ୟ ରୂପେ ଦୁଇବର୍ଷ ପାଇଁ ନିର୍ବାଚିତ ହୋଇଛି ।
- ମିଳିତ ଜାତିସଂଘ ନିରାପତ୍ତା ପରିଷଦରେ ମୋଟ 15 ଜଣ ସଦସ୍ୟ ଅଛନ୍ତି । ସେମାନଙ୍କ ମଧ୍ୟରୁ ପାଞ୍ଚଜଣ ହେଲେ ସ୍ଥାୟୀ ସଦସ୍ୟ- ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍, ଫ୍ରାନ୍ସ ରୁଷ ଏବଂ ଚୀନ - ଏବଂ ଅନ୍ୟ 10 ଜଣ ହେଲେ ଅସ୍ଥାୟୀ ସଦସ୍ୟ । ପ୍ରତି ବର୍ଷ ଅସ୍ଥାୟୀ ସଦସ୍ୟଙ୍କ ମଧ୍ୟରୁ ଅର୍ଦ୍ଧେକ ନିର୍ବାଚିତ ହୋଇଥାନ୍ତି ଏବଂ ସେମାନଙ୍କର କାର୍ଯ୍ୟକାଳ ଦୁଇବର୍ଷ ।

ହୋଇଛନ୍ତି । ଏଭଳି ସଂକଟମାନଙ୍କର ସଫଳ ମୁକାବିଲା କରିବା ନିମନ୍ତେ ମିଳିତ ଜାତିସଂଘ ସଂପୂର୍ଣ୍ଣ ରୂପେ ସକ୍ଷମ ହୋଇପାରିଛି ବୋଲି ପ୍ରତୀୟମାନ ହୁଏନାହିଁ । ବିଗତ ୫-୨ ମାସ ଧରି ସମଗ୍ର ବିଶ୍ୱ କୋଭିଡ଼-୧୨ ସହିତ ଲଢ଼ି ଆସୁଛି । ବୈଶ୍ୱିକ ମହାମାରୀ ବିରୋଧୀ ସଂଗ୍ରାମରେ ମିଳିତ ଜାତିସଂଘ କେଉଁଠି ରହିଛି? କିନ୍ତୁ, ଭାରତ ତା'ର ନିଜସ୍ୱ "ବସୁଧୈବ କୁଟୁମ୍ବକମ୍" ଆଦର୍ଶ ଓ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ବିଶ୍ୱ ସମୁଦାୟଙ୍କ ଆଡ଼କୁ ତା'ର ସହାୟତାର ହାତ ବଢ଼ାଇଛି । ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଯାହାର ଜନସଂଖ୍ୟା 130 କୋଟି ଯାହାକି ବିଶ୍ୱର ମୋଟ ଜନସଂଖ୍ୟାର 1୫ ପ୍ରତିଶତ ଭାବେ ବିବେଚିତ, ଏହାକୁ ଜାତିସଂଘର ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣକାରୀ ଢାଞ୍ଚା ବାହାରେ ରଖାଯାଇଛି । "ଆଜି ପ୍ରତ୍ୟେକ ଭାରତୀୟ ଯେତେବେଳେ ମିଳିତ ଜାତିସଂଘ ପ୍ରତି ଭାରତର ଅବଦାନ ପ୍ରତି ଦୃଷ୍ଟି ନିକ୍ଷେପ କରନ୍ତି, ସେତେବେଳେ ସେମାନେ ମିଳିତ ଜାତିସଂଘରେ ଭାରତର ସଂପ୍ରସାରିତ ଭୂମିକାର ପ୍ରତ୍ୟାଶା ରଖନ୍ତି" ବୋଲି ପ୍ରଧାନମନ୍ତ୍ରୀ ମତ ପୋଷଣ କରିଛନ୍ତି । ସେ କହିଛନ୍ତି, " ମୋର ଦୃଢ଼ ବିଶ୍ୱାସ ଯେ 75ତମ ଜୟନ୍ତୀ ଅବସରରେ ଜାତିସଂଘ ଏବଂ ଏହାର ସଦସ୍ୟ ରାଷ୍ଟ୍ରଗଣ ଏହି ମହାନ୍ ଅନୁଷ୍ଠାନର ଯଥାର୍ଥତା ବଜାୟ ରଖିବା ଦିଗରେ ସେମାନଙ୍କର ଦୃଢ଼ ପ୍ରତିବଦ୍ଧତା ପୋଷଣ କରିବେ ।"

ୟୁଏନଜିଏରେ ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଭାଷଣ ଶୁଣିବା ଲାଗି କ୍ୟୁଆର କୋଡ ସ୍କାନ କରନ୍ତୁ



● ପି ଭି ସିନ୍ଧୁ

# ଆମକୁ ସକାରାତ୍ମକ, ଧୈର୍ଯ୍ୟଶୀଳ ଏବଂ ଆଶାବାନ ହେବାକୁ ପଡ଼ିବ

କୋଭିଡ଼ 19 ମହାମାରୀ ସବୁ କିଛି କାର୍ଯ୍ୟକଳାପକୁ ଏକପ୍ରକାର ଠପ୍ କରିଦେଇଛି । ସମସ୍ତେ ଘରେ ଆବଦ୍ଧ ରହିବାକୁ ବାଧ ହୋଇଛନ୍ତି; ଟୁର୍ଣ୍ଣାମେଣ୍ଟମାନ ବାତିଲ କରି ଦିଆଯାଇଛି । ଏପରିକି ଅଲିମ୍ପିକ୍ସ କ୍ରୀଡ଼ାକୁ ମଧ୍ୟ ଘୁଞ୍ଚାଇବାକୁ ପଡ଼ିଛି । କାରଣ ପ୍ରଥମେ ଜୀବନ । ତେଣୁ ଘରେ ରହି ନିଜକୁ ନିରାପଦ ରଖିବା ହିଁ ପ୍ରଥମ କର୍ତ୍ତବ୍ୟ! ଏପରିକି ମୁଁ ଘରେ ରହି ମୋର ଟ୍ରେନିଂ ସେସନରେ ଅଭ୍ୟାସ କରୁଥିଲି । କାରଣ, କରୋନା ଭୂତାଣୁ ଯେକୌଣସି ସ୍ଥାନରେ ଥାଇପାରେ ଏବଂ ଏହା ଦ୍ରୁତ ଗତିରେ ବ୍ୟାପିଚାଲିଛି । ତେଣୁ ଭାରତ ଭିତରେ କୌଣସି ସ୍ଥାନକୁ ଯାତ୍ରା କରିବା ସୁରକ୍ଷିତ ନୁହେଁ, ବିଶ୍ୱର ଯେକୌଣସି ସ୍ଥାନକୁ ଯାତାୟାତ କରିବା ମଧ୍ୟ ଅନୁରୂପ ଭାବେ ନିରାପଦ ନୁହେଁ । ଜଣେ କ୍ରୀଡ଼ାବିତ୍ ଭାବେ ମୁଁ କହିବି ଯେ ଆମମାନଙ୍କୁ ସଦାବେଳେ ସକାରାତ୍ମକ, ଧୈର୍ଯ୍ୟଶୀଳ ଓ ଆଶାବାଦୀ ହୋଇ ରହିବାକୁ ପଡ଼ିବ ଯେ ଖୁବ୍ ଶୀଘ୍ର ସବୁକିଛି ପୁଣି ସ୍ୱାଭାବିକ ହୋଇଯିବ ।

> ଆମେ କିଭଳି ପଦକ୍ଷେପ ଗ୍ରହଣ କଲେ ନିରାପଦ ରହିପାରିବା ସେ କଥା ସରକାର ଆମକୁ କହିଚାଲିଛନ୍ତି । ଆମେ ଯେଉଁଭଳି ଭାବେ ଅଭ୍ୟାସ କରିବା କଥା ତାହା ଠିକ୍ ଭାବେ ଚାଲିଛି । କିନ୍ତୁ, ଟୁର୍ଣ୍ଣାମେଣ୍ଟ କିମ୍ବା କୌଣସି ପ୍ରକାର କ୍ରୀଡ଼ା ଆୟୋଜନ ହେଉନାହିଁ ।

କୋଭିଡ଼ 19ର ମୁକାବିଲା ସକାଶେ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ମୁଁ ବାସ୍ତବରେ ସରକାରଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇବି ଯେ ସରକାର ସବୁ ସମୟରେ ସହଯୋଗର ହାତ ବଢ଼ାଇଛନ୍ତି । ଯେହେତୁ ଅଲିମ୍ପିକ୍ସ କ୍ରୀଡ଼ା ଆସନ୍ତାବର୍ଷ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଛି, ତେଣୁ ଏଥିରେ ଅଂଶଗ୍ରହଣ କରିବାକୁ ସମ୍ଭାବ୍ୟ ପ୍ରତିଯୋଗୀମାନଙ୍କୁ କେବଳ କ୍ରୀଡ଼ା ଅଭ୍ୟାସ ନିମନ୍ତେ ଅନୁମତି ମିଳିଛି । କିନ୍ତୁ ନିଜକୁ ନିରାପଦ ରଖିବା ସକାଶେ କିଭଳି ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ସରକାର ତାହା ଆମମାନଙ୍କୁ ବାରମ୍ବାର ସତର୍କ କରାଇ ଚାଲିଛନ୍ତି । ଆମେ ଏବେ ଯେଉଁଭଳି ଭାବେ ଅଭ୍ୟାସ କରୁଛୁ ତାହା ବେଶ୍ ଭଲ ଭାବେ ଚାଲିଛି । କିନ୍ତୁ, ଏବେ କୌଣସି ଟୁର୍ଣ୍ଣାମେଣ୍ଟ କିମ୍ବା କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ ହେଉନାହିଁ । ସରକାର ସଦାସର୍ବଦା ତାଙ୍କର ମାର୍ଗଦର୍ଶିକା ଜାରି କରି ଚାଲିଛନ୍ତି । ଅନେକ କ୍ରୀଡ଼ାବିତ୍ ହୁଏତ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଥିବେ ଏବଂ ଆହୁରି ଅନେକେ ଭାବୁଥିବେ ଏହା ପରେ କ'ଣ ଘଟିବାକୁ ଯାଉଛି । ମୁଁ କେବଳ ଏତିକି କହିବି ଯେ କୌଣସି ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଏଭଳି ସମସ୍ୟାର ସମ୍ମୁଖୀନ ହେଉନାହିଁ । ବରଂ ଏହା ହେଉଛି ଏକ ବୈଶ୍ୱିକ ସମସ୍ୟା । କୋଭିଡ଼-19 ହୁଏତ କ୍ରୀଡ଼ାବିତମାନଙ୍କର ଉପାର୍ଜନକୁ ହ୍ରାସ କରିଥାଇପାରେ କିନ୍ତୁ ମୁଁ ନିଶ୍ଚିତ ଯେ ଖୁବ୍ ଶୀଘ୍ର ପୁଣି ଥରେ ସବୁକିଛି ସ୍ୱାଭାବିକ ହୋଇଯିବ।

ଜଣେ କ୍ରୀଡ଼ାବିତ୍ ଭାବେ, ଏ ଦେଶରେ କରୋନା ସଂକ୍ରମଣ ଆରମ୍ଭ ହେବା ପୂର୍ବରୁ ଆମେମାନେ ସମସ୍ତେ ଆମର ତାଲିମରେ କିମ୍ବା ଅନ୍ୟାନ୍ୟ ସ୍ଥାନକୁ ଯାତ୍ରା କରିବାରେ ବ୍ୟସ୍ତ ଥିଲେ । ମୁଁ ନିଜେ ମଧ୍ୟ ଖୁବ୍ ବ୍ୟସ୍ତ ରହୁଥିଲି ଏବଂ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଅନେକ ସ୍ଥାନକୁ ମୋତେ ଯାତ୍ରା କରିବାକୁ ପଡୁଥିଲା। କିନ୍ତୁ ଏବେ ଆମେ ସଭିଏଁ ନିଜ ନିଜ ଘରେ ଆବଦ୍ଧ ହୋଇ ରହିଛେ ଏବଂ ତାହା ଚାରି ପାଞ୍ଚ ମାସ ଧରି ଲାଗି ରହିଛି । କିନ୍ତୁ ଆମେ ନିଜକୁ କାର୍ଯ୍ୟବ୍ୟସ୍ତ ରଖିବା ମଧ୍ୟ ଏକାନ୍ତ ଜରୁରି । ତେଣୁ ମୁଁ ମୋର ସହ କ୍ରୀଡ଼ାବିତ୍ ଓ ଖେଳାଳୀମାନଙ୍କ କେବଳ ଏତିକି କହିବାକୁ ଚାହିଁବି ଯେ କିଛି ନା କିଛି କାର୍ଯ୍ୟରେ ନିଜକୁ ସଦାବେଳେ ନିୟୋଜିତ ରଖ, ବ୍ୟସ୍ତ ରଖ । ଏଭଳି ସ୍ଥିତିରେ ଆମକୁ ବାହାରକୁ ଯାଇ ଖେଳାଖେଳି କରିବା ଅନୁଚିତ ଏବଂ ଆମ ପାଇଁ ଅଭ୍ୟାସ ଜାରି ରଖିବା ମଧ୍ୟ ଜରୁରି ।

ଆମକୁ ସତର୍କ ରହିବାକୁ ପଡ଼ିବ ଯେ ପରିସ୍ଥିତି ସ୍ୱାଭାବିକ ହୋଇସାରିବା ପରେ ସୁଦ୍ଧା ତୁରନ୍ତ ଫିଲ୍ଡକୁ ଓହ୍ଲାଇ ପଡ଼ିବା ଅନୁଚିତ । ଆମକୁ ଢ଼େର୍ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ, ସାମାଜିକ ଦୂରତା ରକ୍ଷା କରିବାକୁ ହେବ ଏବଂ ମାସ୍କରେ ମୁହଁକୁ ଆଚ୍ଛାଦିତ ରଖିବାକୁ ହେବ । ବିଶେଷ କରି ଟୁର୍ଣ୍ଣାମେଣ୍ଟ ଖେଳିଲାବେଳେ ଏବଂ ଅନ୍ୟ ସ୍ଥାନକୁ ଯାତ୍ରା କରିବା ବେଳେ । ଯେତେବେଳେ ଆବଶ୍ୟକ ଆମକୁ ହାତକୁ ସାନିଟାଇଜରରେ ସଫା କରିବା ଉଚିତ ଏବଂ ସାମାଜିକ ଦୂରତା ରକ୍ଷା କରିବା ଆବଶ୍ୟକ । ଆମେମାନେ ଯେତେବେଳେ ଟୁର୍ଣ୍ଣାମେଣ୍ଟ ଖେଳିବା, ବିଶେଷ କରି ବ୍ୟାଡ଼ମିଣ୍ଟନ୍, ଅନ୍ୟ ସହ କରମର୍ଦ୍ଦନକୁ ଆମମାନଙ୍କୁ ଏଡ଼ାଇବାକୁ ପଡ଼ିବ । ପ୍ରତ୍ୟେକ ବ୍ୟକ୍ତି ଏ ଦିଗରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାର ଅଛି । ସେହିଭଳି ମୁହଁରେ ମାସ୍କ ବାନ୍ଧିବାକୁ ବିଧିବଦ୍ଧ ଭାବେ ପାଳନ କରିବା ଆବଶ୍ୟକ ଓ ବାହାରୁ ଆସି ଘରେ ପହଞ୍ଚିବା ପରେ ଭଲ ଭାବେ ଗାଧୋଇବା ଦରକାର। ଏହାକୁ ଅଭ୍ୟାସରେ ପରିଣତ କରିବାକୁ ପଡ଼ିବ । ହୁଏତ ଆମମାନଙ୍କୁ ଖୁବ୍ ଶୀଘ୍ର ପୁଣି ଥରେ ଖେଳ ମୈଦାନକୁ ଲେଉଟିବାକୁ ପଡ଼ିପାରେ । ତେଣୁ ଆମକୁ ଏକଥା ଉତ୍ତମ ରୂପେ ହୃଦୟଙ୍ଗମ କରିବାକୁ ହେବ ଯେ ଆମେ ଖେଳିଲାବେଳେ ଗ୍ୟାଲେରିରେ କୌଣସି ଦର୍ଶକ ନଥିବେ। ତେଣୁ ଦର୍ଶକଙ୍କ ବିନା ଖେଳିବା ଭଳି ପରିସ୍ଥିତି ସହ ମଧ୍ୟ ଆମକୁ ଅଭ୍ୟସ୍ତ ହେବାକୁ ପଡ଼ିବ । ■



# ବରଫ ସ୍ତୂପ

## ଲଦାଖର ଆତ୍ମ- ନିର୍ଭରଶୀଳ ଆଦିବାସୀ ଗ୍ରାମ

**ଲଦାଖର ଆଦିବାସୀ ଗ୍ରାମମାନଙ୍କରେ ଅଭିନବ ଢଙ୍ଗରେ ଜଳ ଯୋଗାଣର ଯେଉଁ ବ୍ୟବସ୍ଥା କରାଯାଇଛି ତାହା ସେମାନଙ୍କର ପାରମ୍ପରିକ କୃଷିର ପୁନରୁଦ୍ଧାର ଦିଗରେ ସହାୟକ ହୋଇପାରିଛି । ଏହା ସେଠାକାର ଲୋକମାନଙ୍କୁ ଆତ୍ମ ନିର୍ଭର କରିବା ସହିତ ସ୍ଥାନୀୟ ଯୁବକମାନଙ୍କର ଦେଶାନ୍ତର ଗମନକୁ ମଧ୍ୟ ରୋକି ପାରିଛି ।**

ଲଦାଖର ଶୀତଳ ମରୁଭୂମି "ବିଶ୍ୱର ଛାତ" ଉପରେ ଅବସ୍ଥିତ ଯାହାର ସମୁଦ୍ର ପତ୍ତନ ଠାରୁ ହାରାହାରି ଉଚ୍ଚତା ପ୍ରାୟ 3000 ମିଟର । ଏହି ଟାଙ୍ଗରା ଶୀତଳ ମରୁରେ ସ୍ଥାନେ ସ୍ଥାନେ ଛୋଟ ଛୋଟ ଆଦିବାସୀ ଗ୍ରାମମାନ ରହିଛି । ଗ୍ରାମ ପାଖକୁ ଲାଗି ଅବଶ୍ୟ ଝରଣାଟିଏ କିମ୍ବା ଅନ୍ୟ କୌଣସି ଏକ ଜଳ ଉତ୍ସଟିଏ ରହିଥିବ । ଖରାଦିନେ ସେହି ଝରଣା ଦେଇ ତରଳୁଥିବା ବରଫ ଜଳ ବହିଆସେ ଯାହାକି ସେଠାକାର ଲୋକମାନଙ୍କ ଜଳ ଆବଶ୍ୟକତାକୁ ପୂରଣ କରିଥାଏ ।

କିନ୍ତୁ ବିଗତ କିଛି ବର୍ଷ ଧରି ସେହିସବୁ ଝରଣାର ଜଳ ଧାର ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ଅନ୍ୟ ଭାଷାରେ କହିଲେ ସେଥିରେ ଆଉ ଜଳ ପ୍ରବାହ ନାହିଁ । ଏହାର କାରଣ ହେଲା ବୃଷ୍ଟି ହାନି, ତାପମାତ୍ରା ବୃଦ୍ଧି ଏବଂ ହିମବାହମାନଙ୍କ ଉଭାନ୍ । ଏଭଳି ଜଳାଭାବ ସେଠାକାର ଗ୍ରାମବାସୀମାନଙ୍କୁ ନିଜ ନିଜର ପାରମ୍ପରିକ କୃଷି କାର୍ଯ୍ୟ ଛାଡ଼ିବାକୁ ଏକପ୍ରକାର ବାଧ୍ୟ କରିଛି ଏବଂ ସେମାନେ ଅନନ୍ୟୋପାୟ ହୋଇ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇଛନ୍ତି ।

ଏବେ କିନ୍ତୁ ସେଠାରେ ଥିବା ବରଫ ସ୍ତୂପର ଅଭିନବତା ଏଭଳି ଜଳକ୍ଲିଷ୍ଟ ଜନିତ ସମସ୍ୟାକୁ ସଂପୂର୍ଣ୍ଣ ରୂପେ ଦୂର କରିପାରିଛି । କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ 2019 ମସିହା ନଭେମ୍ବର ମାସରେ ଲଦାଖର ଆଦିବାସୀ ସମ୍ପ୍ରଦାୟଙ୍କ ନିମନ୍ତେ ଏକ ଗବେଷଣା, ତଥ୍ୟ ପଞ୍ଜିକରଣ ଓ ବିକାଶ ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା । ଏହି ପ୍ରକଳ୍ପ ସହିତ ସଂଶ୍ଲିଷ୍ଟ ହୋଇଥିଲା ଲଦାଖସ୍ଥିତ ହିମାଳୟାନ୍ ଇନଷ୍ଟିଚ୍ୟୁଟ ଅଫ୍ ଅଲଟରନେଟିଭ୍ସ (ଏଚଆଇଏଏଲ) । ଏହି ପ୍ରକଳ୍ପର ମୁଖ୍ୟ ପ୍ରସଙ୍ଗ ଥିଲା "ବରଫ ସ୍ତୂପ ମାଧ୍ୟମରେ ପରିତ୍ୟକ୍ତ ଗ୍ରାମଗୁଡ଼ିକୁ ପୁନଃଥଇଥାନ କରିବା" ।

2019-20 ମସିହାରେ, ମନ୍ତ୍ରଣାଳୟ ପକ୍ଷରୁ ସମଗ୍ର ଲଦାଖର 26ଟି ସ୍ଥାନରେ ଏହିଭଳି ବରଫ ସ୍ତୂପ ସୃଷ୍ଟି କରାଯାଇଥିଲା । ସେଥିରେ 250 ଜଣ ଗ୍ରାମ ସ୍ତରୀୟ ହିତାଧିକାରୀଙ୍କୁ ଏଥିପାଇଁ ତାଲିମ ପ୍ରଦାନ କରାଯାଇଥିଲା । ଏହାତିରିକ୍ତ ଏଥିପାଇଁ କର୍ମଶାଳା ଓ ତାଲିମ ଅଧିବେଶନ ତଥା ବୃକ୍ଷରୋପଣ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା । ସମଗ୍ର ଲଦାଖର ଲୋକମାନଙ୍କୁ ଏହି ପ୍ରକଳ୍ପ ସଂପର୍କରେ ସଚେତନ କରାଇବା ଥିଲା ଏହାର ଉଦ୍ଦେଶ୍ୟ । ଫଳରେ ଶୀତଦିନ ପାଇଁ ପ୍ରାୟ 7.5 କୋଟି ଲିଟର ଜଳ ସଂରକ୍ଷିତ ରଖାଯାଇ ପାରିଥିଲା । ପ୍ରାରମ୍ଭିକ ପର୍ଯ୍ୟାୟର କାର୍ଯ୍ୟକ୍ରମ ଆକାରରେ "ପ୍ରଥମ ଲଦାଖ ବରଫ ଆରୋହଣ ଉତ୍ସବ"ର ଆୟୋଜନ କରାଯାଇଥିଲା ଯାହା ସ୍ଥାନୀୟ ଯୁବକମାନଙ୍କ ମାଧ୍ୟମରେ ପରିବେଶ- ଉଦ୍ୟୋଗୀ ସୁଯୋଗ ସୃଷ୍ଟି କରାଯାଇଥିଲା ।

ଏହି ପରିପ୍ରେକ୍ଷୀରେ 2019 ମସିହା ନଭେମ୍ବର ମାସ ଆରମ୍ଭରେ ଏହି ପ୍ରକଳ୍ପ ପ୍ରଥମେ କୁଲୁମ୍ ଗ୍ରାମରେ ଆରମ୍ଭ କରାଯାଇଥିଲା । 2012 ମସିହା ଠାରୁ ଏହି ଗ୍ରାମର ଲୋକମାନେ ସେ ସ୍ଥାନକୁ ସଂପୂର୍ଣ୍ଣ ରୂପେ ପରିତ୍ୟାଗ କରି ଅନ୍ୟତ୍ର ପଳାଇ ଯାଇଥିଲେ । ଏଭଳି ସ୍ଥାନାନ୍ତରଣର ମୂଳ କାରଣ ଥିଲା ହିମବାହ ଲୋପପାଇବା ଯାହା ସେମାନଙ୍କ ଜୀବନ ଧାରଣ ସକାଶେ ଜଳାଭାବକୁ ଉତ୍କଟ କରିପକାଇଥିଲା ।

2020 ମସିହା ଫେବୃଆରୀ ମାସ ମଧ୍ୟଭାଗ ବେଳକୁ କୁଲୁମ୍ ଗ୍ରାମର ଉପର ମୁଣ୍ଡରେ ଏକ 45 ଫୁଟ ଉଚ୍ଚର ବିଶାଳ ବରଫ ସ୍ତୂପ ନିର୍ମିତ ହୋଇ ସାରିଥିଲା ଏବଂ ସେଥିରେ ପ୍ରାୟ 3,00,000 ଲିଟର ଜଳ ସଂରକ୍ଷିତ ହୋଇଥିଲା । ସେହି ବର୍ଷ ଏପ୍ରିଲ ମାସ ଶେଷ ବେଳକୁ ଏହି ସ୍ତୂପ ତରଳିବା ଆରମ୍ଭ କଲା ଯାହାକି କୁଲୁମର ଚାଷ ଜମି ପାଇଁ ଆବଶ୍ୟକ ପଡୁଥିବା ପରିମାଣର ଜଳ ପର୍ଯ୍ୟାପ୍ତ ମାତ୍ରାରେ ଯୋଗାଇ ଦେଇଥିଲା ।

ଆଗାମୀ ଶୀତ ଦିନେ ଲଦାଖର 50ଟି ସ୍ଥାନରେ ଏହିଭଳି ତୁଷାର ସ୍ତୂପ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି ।

ଆସନ୍ତା ବର୍ଷମାନଙ୍କରେ, ଏହି ପ୍ରକଳ୍ପରୁ ଜଳ ପରିଚାଳନା ସଂକ୍ରାନ୍ତ ସ୍ୱୟଂସଂପୂର୍ଣ୍ଣ ରଣନୀତିର ବିକାଶ ଘଟାଯାଇପାରିବ ଏବଂ ଏହା ଫଳରେ ସେଠାରେ ଗ୍ରାମ ପୁନଃଥଇଥାନର ଏକ ମଡ଼େଲ ପ୍ରସ୍ତୁତ ହୋଇପାରିବ । ଏଥିପାଇଁ ଯେଉଁସବୁ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି ସେଥି ମଧ୍ୟରେ ରହିଛି:

- ଉପତ୍ୟକାର ଉପର ମୁଣ୍ଡରେ ବ୍ୟାପକ ବୃକ୍ଷରୋପଣ କରାଯିବ ଯଦ୍ୱାରା ତାହା କାର୍ବନ ସିଙ୍କ୍ ଭାବେ କାର୍ଯ୍ୟ କରିବ ଏବଂ ଏହା ବନ୍ୟା ଭଳି ତାଣ୍ଡବରୁ ମଧ୍ୟ ଗ୍ରାମବାସୀଙ୍କୁ ସୁରକ୍ଷା ପ୍ରଦାନ କରିବ ।
- ଆଧୁନିକ ବୃକ୍ଷରୋପଣ ଏବଂ ଜଳସେଚନ ପଦ୍ଧତିର ଉପାୟମାନ ଚିନ୍ତା କରିବା ଯାହାକି ସିଞ୍ଚନ ଜଳସେଚନ ଏବଂ ହାଇଡ୍ରୋପୋନିକ୍ ବ୍ୟବସ୍ଥା ଭଳି ଜଳ-କୈନ୍ଦ୍ରିକ ହୋଇନଥିବ ।
- ଏହା ଦୈନିକ ବ୍ୟବହାର ଯଥା ବାୟୁ, ସୌର, ବାୟୋଗ୍ୟାସ ଇତ୍ୟାଦି ଭଳି ବିକଳ୍ପ ପ୍ରଯୁକ୍ତି ବ୍ୟବହାରକ୍ଷମ ହୋଇଥିବ ।

ସ୍ଥାନୀୟ ଯୁବକମାନଙ୍କ ସ୍ଥାନାନ୍ତରଣକୁ ରୋକିବା ନିମନ୍ତେ, ସେମାନଙ୍କ ପାଇଁ ନିଜ ଗ୍ରାମମାନଙ୍କରେ ହିଁ ଜୀବନଜୀବିକାର ସୁଯୋଗ ସୃଷ୍ଟି କରାଯାଉଛି । ଏଥିରେ "ହିମାଳୟାନ୍ ଫାର୍ମଷ୍ଟେଜ୍" ପ୍ରୟାସକୁ ସାମିଲ କରାଯାଇଛି ଯେଉଁଥିରେ ପର୍ଯ୍ୟଟକମାନଙ୍କୁ ଫାର୍ମ ଗୃହମାନଙ୍କରେ ଅତିଥି ଭାବେ ରଖାଯିବାର ବନ୍ଦୋବସ୍ତ କରାଯିବ ଏବଂ ଗ୍ରାମମାନଙ୍କରେ ଥିବା ବୟସ୍କ ବ୍ୟକ୍ତିମାନେ ସେହିସବୁ ପର୍ଯ୍ୟଟକଙ୍କୁ ଆତିଥ୍ୟ ପ୍ରଦାନ କରିବେ ।

ସକାରାତ୍ମକ ପଦକ୍ଷେପ | ପରିବର୍ତ୍ତନଶୀଳ ଭାରତ





# କରୋନା କାଳରେ ସୁଯୋଗର ସନ୍ଧାନ

*ମହାମାରୀ କରୋନା ବିରୋଧରେ ସଂଗ୍ରାମ ନିମନ୍ତେ ଆଇଆଇଟି ବମ୍ବେ ପକ୍ଷରୁ ଏକ ମେଡ଼ିକେଟେଡ଼ ମାସ୍କର ବିକାଶ କରାଯାଇଛି ଏବଂ ନିଜର ଛାତ ଉପର ଟେରାସ୍ ଗାର୍ଡନ ସବୁଜିମାରେ ଭରି ଉଠିଛି ।*

## ଛଅ ମାସ ପର୍ଯ୍ୟନ୍ତ ବ୍ୟବହାରକ୍ଷମ ମାସ୍କ



ବର୍ତ୍ତମାନର କରୋନା ମହାମାରୀ ସଂକ୍ରମଣ ସମୟରେ ମାସ୍କ ଏକ ନିତ୍ୟ ବ୍ୟବହାର୍ଯ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପାଲଟିଛି । କିନ୍ତୁ, ସେହିସବୁ ମାସ୍କକୁ ବାରମ୍ବାର ବଦଳାଇବା କେବଳ ଅର୍ଥ ଶ୍ରାଦ୍ଧ ନୁହେଁ ସମ୍ବଳର ମଧ୍ୟ ନଷ୍ଟ ପାଇଁ ପଥ ଉନ୍ମୁକ୍ତ କରିଛି । ଏଭଳି ପରିସ୍ଥିତିରେ ଯେଉଁ ମାସ୍କକୁ ଆଉ ବାରମ୍ବାର ବଦଳାଇବାକୁ ପଡ଼ିବ ନାହିଁ ତାହା ଏକ ଆଶୀର୍ବାଦ ଭଳି ସାବ୍ୟସ୍ତ ହୋଇଛି । ଏହି ଚାଲେଞ୍ଜର ମୁକାବିଲା ସକାଶେ, ଆଇଆଇଟି,ବମ୍ବେ ଏବଂ ଗ୍ରାମାଞ୍ଚଳ ଭାରତ ପାଇଁ କାର୍ଯ୍ୟରତ ଏକ ପ୍ରକଳ୍ପ 'ଜୀବିକା ଦିଦିଜ୍' ସହ ମିଶି ଏଭଳି ଏକ ଅଭିନବ ମାସ୍କର ବିକାଶ ଘଟାଇଛନ୍ତି ଯାହା ମହିଳାମାନଙ୍କୁ ଆତ୍ମ- ନିର୍ଭରଶୀଳ କରିବାରେ ସହାୟକ ହୋଇପାରିଛି । ଏହି ମାସ୍କକୁ ଏକାଦିକ୍ରମେ ଛଅ ମାସ ପର୍ଯ୍ୟନ୍ତ ବ୍ୟବହାର କରାଯାଇପାରିବ । ଏପରିକି ତାହାକୁ ବ୍ୟବହାର ବେଳେ ସଫା ସୁଦ୍ଧା କରିବାକୁ ପଡ଼ିବନାହିଁ । ଆଇଆଇଟି ବମ୍ବେର ବିଶେଷଜ୍ଞମାନେ ଏଥିପାଇଁ ବୈଶାଳୀ ଓ ପାଟନା ଜିଲ୍ଲାର "ଜୀବିକା ଦିଦି"ମାନଙ୍କୁ ତାଲିମ ପ୍ରଦାନ କରିଛନ୍ତି। ଜୀବିକା ଦିଦିମାନେ ଏହି ତାଲିମ ପାଇବା ପରେ ଏପର୍ଯ୍ୟନ୍ତ ଏହି ଧରଣର 5 ଲକ୍ଷରୁ ଅଧିକ ମାସ୍କ ପ୍ରସ୍ତୁତ କରିସାରି ସ୍ୱାସ୍ଥ୍ୟ ବିଭାଗକୁ ଯୋଗାଇଛନ୍ତି । ଏହି ଧରଣର ମାସ୍କ ବଜାରରେ ଉପଲବ୍ଧ କରିବା ନିମନ୍ତେ ଏବେ ପଦକ୍ଷେପ ଗ୍ରହଣ କରାଯାଉଛି । ଆଗାମୀ ରାଜ୍ୟ ବିଧାନସଭା ନିର୍ବାଚନ ସମୟରେ ନିର୍ବାଚନ ଆୟୋଗ ଏଭଳି ଧରଣର ମାସ୍କ ବ୍ୟବହାର କରିବାକୁ ସ୍ଥିର କରିଛି । "ଜୀବିକା ଦିଦି"ଙ୍କ କହିବା ଅନୁସାରେ ଆଇଆଇଟି ବମ୍ବେ ପକ୍ଷରୁ ଏଥିରେ ବ୍ୟବହାର ସକାଶେ ଆଣ୍ଟି-ଭାଇରାଲ ରାସାୟନିକ ଦ୍ରବଣ ଯୋଗାଇ ଦିଆଯାଇଛି ଯାହାକୁ ଉଷୁମ ପାଣିରେ ପକାଇ ଏଭଳି ଦ୍ରବଣ ପ୍ରସ୍ତୁତ କରାଯାଇଥାଏ । ପ୍ରସ୍ତୁତ ମାସ୍କକୁ ଏହି ଦ୍ରବଣରେ ବୁଡ଼ାଇ ରଖାଯାଇଥାଏ ଏବଂ ତା'ପରେ ପ୍ୟାକେଜିଂ ପୂର୍ବରୁ ତାହାକୁ ଉତ୍ତମ ରୂପେ ଶୁଖା ଯାଇଥାଏ। ଡ୍ୟୁରାପୋଟ ପ୍ରଯୁକ୍ତି ବ୍ୟବହାର କରି ମାସ୍କ କପଡ଼ା ଉପରେ ଏକ ଆଣ୍ଟି ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି ଭାଇରାଲ ରାସାୟନିକ ଦ୍ରବଣର ପ୍ରଲେପ କ୍ରସଲିଙ୍କ୍ ଭାବେ ଦିଆଯାଇଥାଏ । କେବଳ ଏହି ରାସାୟନିକ ଦ୍ରବଣରେ ବୁଡ଼ାଇ ଦିଆଯିବା ଦ୍ୱାରା ମାସ୍କଟି ସଂପୂର୍ଣ୍ଣ ସୁରକ୍ଷିତ ହୋଇଯାଇଥାଏ । "ଜୀବିକା ଦିଦି"ମାନେ ପ୍ରତିଦିନ ଏଭଳି 200ରୁ 600 ପର୍ଯ୍ୟନ୍ତ ମାସ୍କ ପ୍ରସ୍ତୁତ କରୁଛନ୍ତି ଏବଂ ସେଥିରୁ ସେମାନେ ଦୈନିକ 1,000 ଟଙ୍କା ପର୍ଯ୍ୟନ୍ତ ଉପାର୍ଜନ କରୁଛନ୍ତି । ■

## ସହରୀକରଣ ଭିତରେ ସବୁଜିମା



ଆଧୁନିକ ସହରଗୁଡ଼ିକ ଧୀରେ ଧୀରେ କଂକ୍ରିଟ୍ ଜଙ୍ଗଲରେ ପରିଣତ ହୋଇ ପଡ଼ୁଛନ୍ତି । ସେହି ସମୟରେ ସବୁଜିମା ପାଇଁ ନିଜ ମନରେ ଥିବା ଉତ୍କଣ୍ଠା ଓ ଆଗ୍ରହକୁ ସାକାର କରିବା ନିମନ୍ତେ କାର୍ଯ୍ୟ କରିବା ଏକ ଉତ୍ତମ ପ୍ରୟାସ । କିନ୍ତୁ କଥାରେ ଅଛି, ଇଚ୍ଛା ଥିଲେ ଉପାୟ ବଳେ ବଳେ ଆସେ । ଦିଲ୍ଲୀର ପଦମ ସିଂହ ଏବେ ନିଜର ସେହି ରୁଚିକୁ ସାକାର କରିବାକୁ ଯାଇ "ଗ୍ରୀନ୍ ମ୍ୟାନ" ଭାବେ ସର୍ବତ୍ର ସୁପରିଚିତ ହୋଇପାରିଛନ୍ତି। ନିଜର ଟେରାସକୁ ସେ ଏକ ଛାତ ଉପର ବଗିଚାରେ ପରିଣତ କରିଛନ୍ତି ଏବଂ ତାହା ସେ କରିଛନ୍ତି କରୋନା ମହାମାରୀ ଭଳି ସଂକଟ କାଳରେ । ନିଜର ଟେରାସରେ ଶ୍ରୀ ସିଂହ 105 ଧରଣର ବୃକ୍ଷଲତା ଉପୁଜାଇ ପାରିଛନ୍ତି। ସେଥି ମଧ୍ୟରେ ରହିଛି 35 ପ୍ରକାରର ଫଳ ଯେଉଁଥିରେ ଆମ୍ବ, ପିଜୁଳି, କମଳା ଲେମ୍ବୁ, ବାତାପିଲେମ୍ବୁ, କମଳା, ମୌସମ୍ବି, ଅଙ୍ଗୁର, କିନ୍ନୁ ଏବଂ ଡାଳିମ୍ବ ସାମିଲ । ଏସବୁ ଫଳ ଗଛ ବ୍ୟତୀତ ସେ ନିଜ ଟେରାସ ବଗିଚାରେ 15 କିସମର ପନିପରିବା ମଧ୍ୟ ଉପୁଜାଇଛନ୍ତି ଓ ସେଥିରେ ରହିଛି ଲାଉ, ପାଣିକଖାରୁ, କଲରା, ବାଇଗଣ, ପାଳଙ୍ଗ, ମେଥି , ଲଙ୍କା ଓ ମୂଳା ଆଦି ସବୁଜ ପନିପରିବା । ଏ ସଂପର୍କରେ ପଦମ ସିଂହ ଅନ୍ୟମାନଙ୍କୁ କହନ୍ତି, " ଲୋକମାନେ କରୋନା ଲକ୍ ଡାଉନ୍ ସମୟରେ ଘରେ ବସି ବସି ଅତିଷ୍ଠ ହୋଇ ପଡ଼ୁଥିଲେ । କିନ୍ତୁ ମୁଁ ଏହାକୁ ଏକ ସୁଯୋଗ ଭାବେ ବିନିଯୋଗ କରିଥିଲି । ମୋ ଟେରାସ୍ ଗାର୍ଡ଼ନରେ ମୁଁ କେବଳ ଏଭଳି ଫଳ ଓ ପନିପରିବା ଉପୁଜାଇ ନାହିଁ ଅପରନ୍ତୁ ଅନ୍ୟମାନଙ୍କୁ ମଧ୍ୟ ଏକଳି ସବୁଜ ପନିପରିବା ଚାଷ ପାଇଁ ପ୍ରୋତ୍ସାହିତ କରିଛି ।" ଲୋକମାନଙ୍କୁ ଏ ସଂପର୍କରେ ଅବଗତ କରିବା ସକାଶେ ସେ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ବନାଇଥିଲେ ଏବଂ ଅଭାବୀ ଲୋକମାନଙ୍କ ନିଜ ଟେରାସ ଗାର୍ଡ଼ନରୁ ଉତ୍ପାଦିତ ଟଟକା ପନିପରିବା ବାଣ୍ଟିଥିଲେ । ଅନଲକ୍ ପରେ, ଲୋକମାନେ ଏବେ ଛାତ ଉପର ବଗିଚା ପ୍ରସ୍ତୁତ ପାଇଁ ପରାମର୍ଶ ଦେବାକୁ ତାଙ୍କ ପାଖକୁ ଧାଡ଼ି ବାନ୍ଧି ଆସୁଛନ୍ତି।। ପଦମ ସିଂହ ସେମାନଙ୍କୁ ସମସ୍ତଙ୍କୁ ମାଗଣାରେ ଚାରା ବାଣ୍ଟୁଛନ୍ତି ଯଦ୍ୱାରା ଲୋକମାନେ ସବୁଜିମାକୁ ନିଜର ରୁଚି ଭାବେ ଗ୍ରହଣ କରିପାରିବେ । ■



**Narendra Modi** @narendramodi ·
Reforms in @UN are the need of the hour.

130 crore Indians have great respect for the UN but they have also been waiting since long for the reform process in the UN to reach its logical end.

Till when can a nation like India be kept away from UN's decision making structures?



**Rajnath Singh** @rajnathsingh ·
This IDEX4Fauji initiative will bolster frugal innovative ideas from soldiers and help to revolutionise the future of our Armed Forces.

Our soldier would not only have a thorough understanding of their own requirements but also have necessary support of innovators & Startups.



**Amit Shah** @AmitShah ·
Ishwar Chandra Vidyasagar ji championed for women rights, he campaigned relentlessly for the widow re-marriage act and towards their empowerment. Vidyasagar ji's towering and immortal legacy will always continue to be a source of inspiration for millions across the world.



**Office Of Nitin Gadkari** @Offic... ·
Provisions have been made for the producing and obtaining certificates in physical and electronic form. The records includes the validity, issuance of documents, date-time stamping of inspection and the officers.
#SadakSurakshaJeevanRaksha



**Dharmendra Pradhan** @dprad.....
Energy diplomacy and its alignment with our foreign policy & robust energy policies in the last 6 years has delivered tangible and substantive results in enhancing India's energy security.
Diversifying our sourcing of hydrocarbons,we are now sourcing crude from over 30 countries.



**Hardeep Singh Puri** @Hardee...
Soaring Higher!
Domestic Operations on 29th September 2020, Day 129 till 2359 hrs.
Departures 1338
1,18,861 passengers handled.
Arrivals 1335
1,18,771 passengers handled.
Total movements 2673
Footfalls at airports 2,37,632
Total number of flyers 1,18,861



ADDRESS AT UNGA

# PM takes swipe at China, questions UN role in pandemic

Prime Minister Narendra Modi addresses the UNGA. UN

MANN KI BAAT

# With stories of innovation, PM stresses: farmers the heart of Atmanirbhar nation

EXPRESS NEWS SERVICE
NEW DELHI, SEPTEMBER 27

WITH FARMERS' organisations and Opposition and regional parties stepping up protests against the farm Bills passed by Parliament this week, Prime Minister Narendra Modi on Sunday said his government's agriculture sector reforms have given farmers the power to sell their produce "anywhere and to anyone... where they can get a higher price according to their wish".

"Our farmers, our villages are the very basis of Atmanirbhar Bharat", and "in the recent past, these areas have liberated themselves from many restrictions and tried to break free from many myths", Modi said.

Farmers can sell 'anywhere and to anyone': PM

# Modi-Hasina virtual meeting likely in D...

India and Bangladesh want start work on a comprehensive trading agreement

# The Modi I know

# PM Modi speaks to Japan counterpart, focus on open and inclusive Indo-Pacific

SENIOR QUAD OFFICIALS MEET

SHUBHAJIT ROY
NEW DELHI, SEPTEMBER 25

VIRTUAL BILATERAL MEET WITH RAJAPAKSA

# High priority for Lanka ties, says PM as he flags fishermen, Tamil issues

SHUBHAJIT ROY
NEW DELHI, SEPTEMBER 26

PM Narendra Modi and his Sri Lanka counterpart Mahinda Rajapaksa during their virtual meeting on Saturday. PTI

PEN TO PAPER

EXPLAINED

Eye on China, India engages Rajapaksas

# India inks 1st green pact with Denmark

TRIBUNE NEWS SERVICE

NEW DELHI, SEPTEMBER 28

The Covid-19 pandemic showed the risk involved in excessive dependence of the global supply chain on any single source. —Narendra Modi, PM


India & Denmark have agreed to collaborate in several sectors on basis of an action plan that will set targets for next few years. —Mette Frederiksen, Denmark PM

RNI No. :
DELODI/2020/78831
October: 16-31, 2020

ନ୍ୟୁ ଇଣ୍ଡିଆ
ସମାଚାର
ପାକ୍ଷିକ

RNI Registered No. DELODI/2020/78831, Delhi Postal License No DL (S)-1/3542/2020-22, WPP NO U (S)-90, posting at BPC, MEGHDOOT BHAWAN, NEW DELHI-110001 On 13-17 advance Fortnightly, (Publishing Date October 5, 2020, Pages-36)

# ଏକ ଭାରତ ଶ୍ରେଷ୍ଠ ଭାରତ



"

ସର୍ଦ୍ଦାର ପଟେଲଙ୍କ ଠାରେ କୌଟିଲ୍ୟଙ୍କ କୂଟନୈତିକ ଚିନ୍ତାଧାରା ଏବଂ ଶିବାଜୀ ମହାରାଜଙ୍କ ସାହସିକତାର ଅପୂର୍ବ ସମନ୍ୱୟ ଘଟିଥିଲା । 1947 ମସିହା ଜୁଲାଇ 5 ତାରିଖ ଦିନ ସେ ଦେଶୀୟ ରାଜ୍ୟମାନଙ୍କ ଶାସକଙ୍କୁ ଉଦବୋଧନ ଦେଇ କହିଥିଲେ- " ଆମର ଆଭ୍ୟନ୍ତରୀଣ ବିବାଦ ଏବଂ ଶତ୍ରୁତା ହିଁ ବିଦେଶୀ ଆକ୍ରମଣକାରୀଙ୍କ ଦ୍ୱାରା ଆମେମାନେ ପରାଜିତ ହେବାର ମୁଖ୍ୟ କାରଣ ଥିଲା । ଏବେ ଆମେମାନେ ଆଉ ସେହି ଭୁଲକୁ ଦୋହରାଇବା କଦାପି ଉଚିତ ହେବନାହିଁ କିମ୍ବା ପୁଣି ଥରେ ଆଉ କାହାର ଦାସତ୍ୱ ସ୍ୱୀକାର କରିବା ନାହିଁ ।" ସର୍ଦ୍ଦାର ସାହେବଙ୍କ ତୁଣ୍ଡରୁ ଏପରି ଶବ୍ଦ ଶୁଣି ଏବଂ ଏକତାର ଶକ୍ତିକୁ ଅନୁଭବ କରି ଦେଶୀୟ ରାଜ୍ୟମାନେ ନିଜ ନିଜ ରାଜ୍ୟକୁ ଭାରତ ସହ ମିଶାଇ ଦେଇଥିଲେ । ଯଥା ଶୀଘ୍ର ଭାରତ ଏକ ଅଖଣ୍ଡ ଭୂଖଣ୍ଡରେ ପରିଣତ ହୋଇଥିଲା ।

**ଷ୍ଟାଚ୍ୟୁ ଅଫ୍ ୟୁନିଟି ଅନାବରଣ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉକ୍ତି**

Odia Issue 8

**Published & Printed by: Satyendra Prakash**, DG, BOC on behalf of Bureau of Outreach and Communication | **Editor: Kuldeep Singh Dhatwalia**, PDG, PIB, New Delhi | **Published from Bureau of Outreach and Communication, 2nd Floor, Soochna Bhawan, New Delhi -110003** | **Printed at** Infinity Advertising services Pvt Ltd. FBD-One Corporate Park, 10th floor, New Delhi-Faridabad border, NH-1, Faridabad-121003